Harsika Media
24×7 News Channel
ଏକ ନୂଆ ଆହ୍ୱାନ..
Web : www.harsikamedia.in.net
Facebook : Harsika Media
Youtube : Harsika Media

HARSIKA ODIA KHABAR
# ହର୍ଷିକା
ଏକ ନୂଆ ଆହ୍ୱାନ... ଓ ଡ଼ି ଆ ଖ ବ ର
PRIG No. :ORORI/26/A0387




• ଭାଗ-୦୧ • ସଂଖ୍ୟା-୧୪ • କଟକ • ସାପ୍ତାହିକ • ୨୭ ଏପ୍ରିଲ - ୦୩ ମଇ, ୨୦୨୬ • ମୂଲ୍ୟ : ଟ.୭.୦୦ • ପୃଷ୍ଠା-୮
• VOL. NO. 01 • ISSUE NO. 14 • CUTTACK • WEEKLY • 27 APRIL TO 03 MAY, 2026 • RS. 7.00 • PAGE-8

## ୧ରୁ ଭିତରକନିକା ବନ୍ଦ




ରାଜନଗର (ହର୍ଷିକା) : ମେ ୧ରୁ ଭିତରକନିକା ବନ୍ଦ । କୁମ୍ଭୀର ପ୍ରଜନନ ପାଇଁ ମେ ୧ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ । ଏହି ସମୟରେ ବଉଳା କୁମ୍ଭୀର ମାନେ ହିଂସ୍ର ହୋଇଥାନ୍ତି । ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୩ ମାସ ପାଇଁ ଭିତରକନିକା ବନ୍ଦ ରଖାଯିବ ବୋଲି କହିଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର । ଏହାର ମୁଖ୍ୟ କାରଣ ହେଲା ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ଆରମ୍ଭ ହେତୁ ନଦୀ ଓ ନାଳମାନଙ୍କରେ କୁମ୍ଭୀରମାନେ ବସା ବାନ୍ଧି ଅଣ୍ଡା ଦେବେ । ସେମାନଙ୍କ ମିଳନ ପର୍ବ ଓ ଅଣ୍ଡା ଦେବା ପ୍ରକ୍ରିୟାରେ ବାଧା ନଉପୁଜିବା ପାଇଁ ପର୍ଯ୍ୟଟକମାନଙ୍କ ପାଇଁ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ। ସାଧାରଣତଃ ଶୀତକାଳରେ ଭିତରକନିକାରେ ହଜାର ହଜାର ପର୍ଯ୍ୟଟକ ଭିଡ଼ ହୁଏ । ବିଶେଷକରି ବଉଳ କୁମ୍ଭୀର ଦେଖିବା ଓ ମ୍ୟାଙ୍ଗ୍ରୋଭ ଜଙ୍ଗଲର ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ଏଠାକୁ ଲୋକେ ଭିଡ଼ କରନ୍ତି । କିନ୍ତୁ ଏବେ ପ୍ରକୃତି ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏହି ସ୍ଥଳ କିଛି ଦିନ ପାଇଁ ପର୍ଯ୍ୟଟକଙ୍କ ଲାଗି ବନ୍ଦ ରହିବ । ତେଣୁ ଯଦି ଆପଣ ଭିତରକନିକା ଭ୍ରମଣ ପ୍ଲାନ୍ କରୁଛନ୍ତି, ତେବେ ଏହି ତିନି ମାସ ପାଇଁ ଯୋଜନା କରନ୍ତୁ ନାହିଁ ।

# ପୁଣି କମ୍ପିବ ବିଧାନସଭା

## ୩୦ରେ ସ୍ୱତନ୍ତ୍ର ଅଧିବେଶନ



ଭୁବନେଶ୍ୱର (ହର୍ଷିକା) : ୩୦ ତାରିଖରେ ବିଧାନସଭା ସ୍ୱତନ୍ତ୍ର ଅଧିବେଶନକୁ ନେଇ ବାକଯୁଦ୍ଧ। ସରକାରଙ୍କୁ ସିଧା ନିଶାନା କରିଛନ୍ତି ବିରୋଧୀ। ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପରେ ଏଭଳି ଦିନିକିଆ ଅଧିବେଶନ ଡାକିବାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ବିଜେଡି ଓ କଂଗ୍ରେସ ଏହାକୁ ଡ୍ରାମା କହିଥିବା ବେଳେ ବିଜେପି କହିଛି, ବିରୋଧୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ତେଣୁ ଦିନିକିଆ ଅଧିବେଶନରେ ତମ୍ବିତଫାନ ହୋଇପାରେ ବୋଲି ଆକଳନ କରାଯାଉଛି। ବିଧାନସଭା ସ୍ୱତନ୍ତ୍ର ଅଧିବେଶନ କୁ ନେଇ ତେଜିଲା ରାଜନୀତି। ବିରୋଧୀ କଲେ ପ୍ରଶ୍ନ। ସରକାରୀ ଦଳକୁ ମହିଳା ବିରୋଧୀ କହି ବର୍ଷିଲେ ବିଜେଡି ଓ କଂଗ୍ରେସ। ମହିଳା ସଂରକ୍ଷଣ ବିଲ୍ କୁ ନେଇ ସାରା ଦେଶ ଉଠୁଛି ପଡୁଚି। ବିଲ୍ କାଟ ଖାଇବା ପରେ ବିଧାନସଭା ସ୍ୱତନ୍ତ୍ର ଅଧିବେଶନ ଆସନ୍ତା ୩୦ ତାରିଖରେ ଡକାଯାଇଛି। ଯେଉଁଥିରେ ମୁଖ୍ୟ ପ୍ରସଙ୍ଗ ରହିବ, ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ। ତେବେ ମହିଳା ସଂରକ୍ଷଣ ବିଲ୍ କାଟ ଖାଇବା ପରେ ବିଧାନସଭା ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିଜେଡ଼ି କଡା ସମାଲୋଚନା କରିଛି। କୌଣସି କାରଣ ନ ଥାଇ ଅବେଳରେ ସଂସଦ ଡାକିଥିଲେ କେନ୍ଦ୍ର ସରକାର। ଏହା ପୂର୍ବରୁ ୪୮ ଘଂଟା ଭିତରେ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡାକିବାକୁ ଦାବି କରିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ବିଲ ଆସିବା ପୂର୍ବରୁ ବିଜେପି ଏହାକୁ ଅନେକ ନେଇ ପ୍ରଚାର କଲା। ଏବେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଡ୍ରାମା କରୁଛନ୍ତି। କଂଗ୍ରେସ କହିଛି, ନାରୀ ସୁରକ୍ଷାକୁ ନେଇ ୨୦୨୩ ମସିହାରେ ବିଲ ପାରିତ ହୋଇଥିବା ବେଳେ ଏବେ ପୁଣି କଣ ପାଇଁ ପ୍ରହସନ, ୩୦ ତାରିଖରେ ବିଧାନସଭାରେ ତାର ଉତ୍ତର ମାଗିବୁ। ବିଜେପି ର ଜବାବ ହେଲା, ବିରୋଧୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜେପି ମହିଳାଙ୍କ ବିକାଶକୁ ଅଗ୍ରାଧିକାର ଦେଉଥିବାରୁ ବିରୋଧୀ ସହି ପାରୁନାହାଁନ୍ତି।

ଗୋଟିଏ ପଟେ ମହିଳା ସଂରକ୍ଷଣ ଅନ୍ୟପଟେ ମହିଳାଙ୍କ ପାଇଁ ସମର୍ଥନ। ବିରୋଧୀ ମହିଳାଙ୍କୁ ସମର୍ଥନ କରୁଥିବା କଥା କହୁଥିବା ବେଳେ ବିଜେପି ବିରୋଧୀ ଙ୍କ ଏହି ମୁଭ କୁ ମହିଳା ବିରୋଧୀ ବୋଲି ବର୍ଣ୍ଣନା କରୁଛି। ଏଭଳି ସ୍ଥଳରେ ଅଠା କାଠି ରେ ଛନ୍ଦି ହେଲେଣି ବିରୋଧୀ। ସ୍ୱତନ୍ତ୍ର ଅଧିବେଶନ ରେ ପର୍ଯ୍ୟାପ୍ତ ସୁଯୋଗ ମିଳିବ ଆଲୋଚନା ପାଇଁ। ଶାସକ ଓ ବିରୋଧୀ ନିଜ ନିଜ ଯୁକ୍ତି ରଖିବେ। ଯେଉଁଥିପାଇଁ ଆକଳନ କରାଯାଉଛି ଯେ ଦିନିକିଆ ସ୍ୱତନ୍ତ୍ର ଅଧିବେଶନରେ ରୋଚକ ଚିତ୍ର ଦେଖିବାକୁ ମିଳିପାରେ। ବିରୋଧୀଙ୍କ ଯୁକ୍ତିକୁ ଶୁଣି ଉତ୍ତର ରଖିବେ ସରକାର। ତେବେ ଏହି ଦିନିକିଆ ସ୍ୱତନ୍ତ୍ର ଅଧିବେଶନର ନିର୍ଯ୍ୟାସ ପ୍ରକୃତରେ ବାହାରୁଚି ନା କେବଳ କାଦୁଅ ଫିଙ୍ଗା ରାଜନୀତି ଦେଖିବାକୁ ମିଳୁଛି ତା ଉପରେ ନଜର।

# ଅଶୋଧିତ ତୈଳ ଆମଦାନୀ ଉପରୁ କମିବ ନିର୍ଭରତା



ନୂଆଦିଲ୍ଲୀ : ବିମାନ ଚଳାଚଳ କ୍ଷେତ୍ରରେ ପ୍ରଦୁଷଣ କମ୍ କରିବା ତଥା ଅଶୋଧିତ ତୈଳ ଆମଦାନି ହ୍ରାସ ନିମନ୍ତେ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ବିମାନ ଇନ୍ଧନ ବା ଏଟିଏଫ୍‌ରେ ଇଥାନଲ ମିଶ୍ରଣକୁ ମଞ୍ଜୁରି ଦେଇଛି । ଏଥିପାଇଁ ସରକାର ଏକ ବିଜ୍ଞପ୍ତି ଜାରି କରି ଏଟିଏଫ୍ ନିୟମରେ ପରିବର୍ତ୍ତନ କରିଛନ୍ତି । ଏହି ନିଷ୍ପତ୍ତି ଦ୍ୱାରା କେବଳ ବିମାନ ଯାତ୍ରା ସ୍ୱଚ୍ଛ ହେବ ନାହିଁ ବରଂ ବିଦେଶୀ ତେଲ ଉପରେ ଭାରତର ନିର୍ଭରତା ବି କମିବ । ମନ୍ତ୍ରାଳୟର ବିଜ୍ଞପ୍ତି ଅନୁସାରେ, ଏବେ ଆଭିଏସନ୍ ଟର୍‌ବାଇନ୍ ଫୁଏଲ୍‌ର ପରିଭାଷାକୁ ଅପ୍‌ଡେଟ୍ କରାଯାଇଛି । ଏବେ ଏଟିଏଫ୍‌ରେ ହାଇଡ୍ରୋକାର୍ବନ ସହ ସିନ୍ଥେସାଇଜ୍‌ଡ କମ୍ପୋନେଣ୍ଟ(ଇଥାନଲ ଭଳି)କୁ ଅନ୍ତର୍ଭୁକ୍ତ କରାଯାଇପାରିବ । ଏହା ଭାରତୀୟ ମାନକଗୁଡ଼ିକର ଅନୁରୂପ ହେବ । ପୃଷ୍ଠା-୩

## ବର୍ଗୀକରଣ ହେବ ସରକାରୀ ଯୋଜନାର

# ବନ୍ଦ ହେବ ପୂର୍ବ ସରକାର ଯୋଜନା

ଭୁବନେଶ୍ୱର (ହର୍ଷିକା) : ପୂର୍ବ ସରକାର ସମୟରେ ଆରମ୍ଭ ହେଇଥିବା କିଛି ଯୋଜନା ଏବେ ବନ୍ଦ ହେବାକୁ ଯାଉଛି। ଯେଉଁ ଯୋଜନା ପାଇଁ ୩ ରୁ ୪ ବର୍ଷ ହେବ କୌଣସି ବଜେଟ ପ୍ରାବଧାନ ହୋଇନାହିଁ ସେଭଳି କିଛି ଯୋଜନା ବନ୍ଦ କରିବାକୁ ଯାଉଛନ୍ତି ସରକାର। ଏହା ସହ ଅନେକ ଯୋଜନାକୁ ସମିଶ୍ରଣ କରି ଗୋଟିଏ ଯୋଜନା କରିବାକୁ ସରକାର ପଦକ୍ଷେପ ଆରମ୍ଭ କରିଛନ୍ତି। ସବୁ ବିଭାଗକୁ ଉନ୍ନୟନ କମିଶନର ଲେଖିଥିବା ଚିଠିରେ ଏଭଳି କିଛି ତଥ୍ୟ ଉଲ୍ଲେଖ ରହିଛି। ବଦଳିଯିବ ଢାଞ୍ଚା। ଅଦରକାରୀ ଯୋଜନାକୁ ଡଷ୍ଟବିନକୁ ଫିଙ୍ଗିଦେଇ ନୂଆ ରୂପରେଖ ସହ ଯୋଜନାର ହେବ ନବକଳେବର। ଏପରିକି ଲୋକଙ୍କୁ ସୁହାଉଥିବା ଯୋଜନାର ବର୍ଗୀକରଣ କରି ପ୍ରାଶାସନିକ କଳକୁ ଆହୁରି ଚଳଚଞ୍ଚଳ କରାଯିବ। ୨୦୩୬ ବିକଶିତ ଓଡ଼ିଶାର ସ୍ୱପ୍ନକୁ ବଳ ଦେବ ଲୋକଙ୍କ ସରକାରଙ୍କ ଏହି ନୂଆ ପ୍ରୟାସ। ସରକାରୀ ଯୋଜନାରେ ଆସିବ ବଡ଼ ସଂସ୍କାର। ଅଦରକାରୀ ଯୋଜନା ହୋଇପାରେ ବନ୍ଦ। ୧୫ ଦିନ ମଧ୍ୟରେ ଉନ୍ନୟନ କମିସନ ଏନେଇ ଚିଠି ଲେଖି ରିପୋର୍ଟ ମାଗିଛନ୍ତି। ● ପୃଷ୍ଠା :୩

## ୧୫ ତମ ନିଯୁକ୍ତି ମେଳାରେ

# ୪,୬୨୩ ଜଣଙ୍କୁ ନିଯୁକ୍ତ ପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର (ହର୍ଷିକା) : ସରକାରୀ ଚାକିରି କେବଳ ଏକ ଜୀବିକା ନୁହେଁ, ବରଂ ଏହା ଏକ ଜନସାଧାରଣଙ୍କ ସେବା କରିବା ପାଇଁ ଏକ ଅନନ୍ୟ ସୁଯୋଗ ବୋଲି ଆଜି ୧୫ ତମ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶାସନ ଓ ପ୍ରଶାସନ ବ୍ୟବସ୍ଥାରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ହେଉଛନ୍ତି, ସରକାରଙ୍କ ପ୍ରକୃତ ଚେହେରା। ଆମ ସମସ୍ତଙ୍କର ଲକ୍ଷ୍ୟ ହେଉଛି, ଅନ୍ତିମ ଶ୍ରେଣୀରେ ଥିବା ବ୍ୟକ୍ତି ପାଖରେ ସରକାରୀ ସୁବିଧା ପହଞ୍ଚାଇବା। ବର୍ତ୍ତମାନ ସାଧାରଣ ଲୋକ ଅନୁଭବ କରୁଛନ୍ତି, ଏ ସରକାର ହେଉଛି ପ୍ରକୃତରେ ଲୋକଙ୍କ ସରକାର। ଏହି ଭାବନାକୁ ଆପଣମାନେ ଆଗେଇନେଲେ, ସରକାରୀ ଚାକିରୀ'ର ମର୍ଯ୍ୟାଦା ରହିବ ଏବଂ ଆପଣମାନେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବେ ବୋଲି ସେ କହିଥିଲେ। ରାଜ୍ୟରେ ଯୁବବର୍ଗଙ୍କ ନିଯୁକ୍ତି ସମ୍ବନ୍ଧରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୪ ଜୁନ୍ ମାସରୁ ଆଜି ସୁଦ୍ଧା ସରକାରୀ ଚାକିରୀରେ ୪୪,୦୮୨ ଓ ବେସରକାରୀ କ୍ଷେତ୍ରରେ ୯୨,୦୦୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି । ଶେଷରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଓ ମହିଳା ମାନଙ୍କ ପ୍ରତି ସମ୍ମାନଜନକ ବ୍ୟବହାରକୁ ନିଜ କାର୍ଯ୍ୟଶୈଳୀର ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ କହିଥିଲେ। ସୂଚନାଯୋଗ୍ୟ ଯେ, ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମ ଠାରେ ଆୟୋଜିତ ୧୫ତମ ନିଯୁକ୍ତିମେଳା ଅବସରରେ ୭ଟି ବିଭାଗର ସମୁଦାୟ ୪୬୨୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୪୧୧୩ ଜଣ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ୧୫୪ ଜଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗରେ ୧୪୩ ଜଣ, ଇସ୍ପାତ ଓ ଖଣି ବିଭାଗରେ ୭୭ ଜଣ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗରେ ୭୦ ଜଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୫୨ ଜଣ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗରେ ୧୪ ଜଣ ନିଯୁକ୍ତି ପତ୍ର ପାଇଛନ୍ତି।

## ଜଳୁଛି ଜଙ୍ଗଲ; କଲବଲ ବନ୍ୟପ୍ରାଣୀ



ଘୁ.ଉଦୟଗିରି (ହର୍ଷିକା) : ଓଡ଼ିଶାର ଦାର୍ଜିଲିଂ ଜଳୁଛି। ଜଙ୍ଗଲ ନିଆଁରେ ଦାର୍ଜିଲିଂ ନାମରେ ପ୍ରଚଳିତ ଘୁମୁସର ଉଦୟଗିରିର ଜଙ୍ଗଲ ଜଳିପୋଡ଼ି ପାଉଁଶ ହୋଇଯାଉଛି। ନିଆଁର କରାଳ ରୂପରେ ଏହି ଜଙ୍ଗଲରେ ଥିବା ବଡ଼ବଡ଼ ବନ୍ୟପ୍ରାଣୀ ପ୍ରାଣ ବିକଳରେ ନିକଟ ଜଙ୍ଗଲକୁ ପଳାୟନ କରୁଥିବା ବେଳେ ଛୋଟଛୋଟ ଜୀବଜନ୍ତୁ ଗୁଡ଼ିକର ଅକାଳ ମୃତ୍ୟୁ ହେଉଛି। ଗଛ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସରକାରଙ୍କ ପଦକ୍ଷେପ, ସ୍ୱେଚ୍ଛାସେବୀ ସଂଗଠନର ଉଦ୍ୟମ ସତ୍ତ୍ୱେ ଜଙ୍ଗଲରେ ନିଆଁ ଲାଗୁଛି। ଜଙ୍ଗଲରେ ନିଆଁ ଲାଗିବା ହେଉଛି ମନୁଷ୍ୟକୃତ ବିପର୍ଯ୍ୟୟ। ● ପୃଷ୍ଠା :୩

# ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ (ଏଜେନ୍ସି) : ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଗୋଟିଏ ବର୍ଷ ପୂରିଛି। ଆକ୍ରମଣର ପ୍ରଥମ ବାର୍ଷିକୀରେ ଭାରତ ପହଲଗାମ ସହିଦଙ୍କୁ ଭୁଲିନାହିଁ। ଆଜି ଦେଶ ସେମାନଙ୍କ ବଳିଦାନକୁ ମନେ ରଖିଛି। ଏହି ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ପହଲଗାମ ଆକ୍ରମଣର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ କେବଳ ସହିଦମାନଙ୍କୁ ମନେ ପକାଇ ନାହାଁନ୍ତି ବରଂ ଆତଙ୍କବାଦୀଙ୍କୁ ଚ୍ୟାଲେଞ୍ଜ ମଧ୍ୟ କରିଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଭାରତ କେବେବି ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ପ୍ରଧାନମନ୍ତ୍ରୀ ମୋଦୀ ପହଲଗାମ ଆକ୍ରମଣର ପ୍ରଥମ ବାର୍ଷିକୀରେ ଲେଖିଛନ୍ତି, 'ଗତ ବର୍ଷ ଏହି ଦିନରେ ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ନିର୍ଦ୍ଦୋଷ ଲୋକଙ୍କୁ ଆମେ ମନେ ପକାଉଛୁ। ସେମାନଙ୍କୁ କେବେ ଭୁଲିଯିବୁ ନାହିଁ। ଏହି ବିଶାଳ କ୍ଷତି ପାଇଁ ମୁଁ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି। ଆହୁରି ମଧ୍ୟ ପ୍ରଧାନମନ୍ତ୍ରୀ କହିଛନ୍ତି ଏକ ରାଷ୍ଟ୍ର ଭାବରେ, ଆମେ ଏହି ଦୁଃଖ ଏବଂ ସଂକଳ୍ପର ମୁହୂର୍ତ୍ତରେ ଏକତ୍ରିତ ହୋଇ ଠିଆ ହୋଇଛୁ। ଭାରତ କେବେବି କୌଣସି ପ୍ରକାରର ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ଆତଙ୍କବାଦୀଙ୍କ ଘୃଣ୍ୟ ଯୋଜନା କେବେ ସଫଳ ହେବ ନାହିଁ।




# ଆପ୍‌କୁ ରାଘବ ଝଡ଼

## ଦଳ ଛାଡ଼ି, ବିଜେପିରେ ମିଶିଲେ ୭ ସାଂସଦ



ନୂଆଦିଲ୍ଲୀ (ଏଜେନ୍ସି) : ଆପ୍ ଛାଡ଼ିବାର କିଛି ଘଣ୍ଟା ପରେ ବିଜେପିରେ ମିଶିଛନ୍ତି ରାଘବ ଚଡ୍ଡା। ତାଙ୍କ ସହ ସନ୍ଦୀପ ପାଠକ ଓ ଅଶୋକ ମିତ୍ତଲ ମଧ୍ୟ ବିଧିବଦ୍ଧ ଭାବେ ପଦ୍ମ ଧରିଛନ୍ତି। ଆପର ୧୦ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୭ ଜଣ ଦଳ ଛାଡ଼ିଥିବା ରାଘବ ପ୍ରଥମେ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ। ଏହାପରେ କିନ୍ତୁ ୩ ଜଣ ବିଜେପି ମୁଖ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ନିଜ ହାତରେ ମିଠା ଖୁଆଇ ଦେଇଛନ୍ତି। ସେମାନଙ୍କୁ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଛନ୍ତି। ଏଥିସହ ଏକାଠି ଆପରୁ ପଳାୟନ କରିଥିବା ୩ ସାଂସଦଙ୍କ ସହ ଫଟୋ ମଧ୍ୟ ଉଠାଇଛନ୍ତି। ରାଘବ ଚଡ୍ଡା ମଧ୍ୟ ବିଜେପିରେ ମିଶିବା ପରେ ଖୁସିରେ ଗଦଗଦ ହୋଇ ଯାଇଛନ୍ତି। ଏବେ ୩ ଜଣ ଆପ୍ ସାଂଦ ବିଜେପିରେ ମିଶିଥିବା ବେଳେ ଆଗକୁ ଆଉ ୪ ଜଣ ପଦ୍ମ ଧରିବେ ବୋଲି ଜଣାପଡ଼ିଛି। ରାଘବ ଚଡ୍ଡା ନିଜର ଇସ୍ତଫା ସମ୍ପର୍କରେ ଘୋଷଣା କରିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ● ପୃଷ୍ଠା :୩

THE HARSIKA
ହର୍ଷିକା

## କଲମରୁ



**ଡ଼ଃ ବ୍ୟୋମକେଶ କାନୁନଗୋ**
**(ମୁଖ୍ୟ ସମ୍ପାଦକ)**

ଭାରତୀୟ ଅର୍ଥନୀତି ଏକ ଖରାପ ସମୟ ଦେଇ ଗତି କରୁଛି। ୩୦ ମାର୍ଚ୍ଚରେ ଭାରତୀୟ ମୁଦ୍ରା ଖୁବ୍ ତଳକୁ ଯାଇ ଏକ ଆମେରିକୀୟ ଡଲାର ତୁଳନାରେ ବିନିମୟ ମୂଲ୍ୟ ୯୫ ଟଙ୍କା ୨୧ ପଇସାରେ ପହଞ୍ଚିଛି। ପଶ୍ଚିମ ଏସିଆରେ ଯୁଦ୍ଧଜନିତ ସଙ୍କଟ ଶକ୍ତି କ୍ଷେତ୍ର ଉପରେ ଗଭୀର ପ୍ରଭାବ ପକାଇଥିବାରୁ ଭାରତୀୟ ମୁଦ୍ରା ନିମ୍ନଗାମୀ ହେଉଛି ବୋଲି କୁହାଯାଉଛି। ଏହା କେତେକାଂଶରେ ସତ୍ୟ। କିନ୍ତୁ ୨୮ ଫେବୃଆରୀ ଯୁଦ୍ଧ ପୂର୍ବରୁ ଭାରତୀୟ ମୁଦ୍ରା ମଧ୍ୟ ଲଗାତର ଭାବେ ପ୍ରତ୍ୟେକ ଦିନ ଦୁର୍ବଳ ହେବାରେ ଲାଗିଥିଲା। ସେହି ବିଗତ ଦିନକୁ ଦେଖିଲେ ବୁଝାପଡୁଛି ଯେ ଯୁଦ୍ଧ କେବଳ ମାତ୍ର କାରଣ ନୁହେଁ। କେତେକେ କହୁଛନ୍ତି ଡଲାର ଶକ୍ତିଶାଳୀ ହେଉଥିବାରୁ ଭାରତୀୟ ମୁଦ୍ରା ତଳକୁ ଖସୁଛି। ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। କାରଣ ଆମେରିକାରେ ମଧ୍ୟ ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଭାରତୀୟ ମୁଦ୍ରା ଦୁର୍ବଳ ହେବା ପଛରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ଏ ଦେଶରୁ ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର କରିନେବାରେ ବ୍ୟସ୍ତ। ଭାରତରେ ଅର୍ଥ ବିନିଯୋଗ କଲେ ଆଗକୁ ବିପଦ ଆଶଙ୍କା କରି ସେମାନେ ଏଭଳି ନିଷ୍ପତ୍ତି ନେଉଛନ୍ତି। ଅର୍ଥାତ୍ ଏହି ଦେଶରେ ସେମାନଙ୍କର ଅର୍ଥ ଅସୁରକ୍ଷିତ ବୋଲି ବିଦେଶୀ ନିବେଶକମାନେ ଧାରଣା କରିନେଲେଣି। ଏଥିସହିତ ଆମଦାନୀ ବୃଦ୍ଧି ପାଉଥିବା ବେଳେ ରପ୍ତାନି ସେହି ପରିମାଣରେ ହୋଇପାରୁ ନ ଥିବାରୁ ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ପାଉଛି। ଅଣ-ଉତ୍ପାଦ ଖର୍ଚ୍ଚ ବଢ଼ିଯାଇଥିବାରୁ ତାହାର ପ୍ରଭାବ ମଧ୍ୟ ଅର୍ଥନୀତି ଉପରେ ପଡୁଛି। ଭାରତରେ ଅର୍ଥନୀତି ଦୁର୍ବଳ ହେବା ପଛରେ ମୁଖ୍ୟ କାରଣ ହେଉଛି ରାଜନୈତିକ ବ୍ୟକ୍ତିମାନେ ବିଶେଷଜ୍ଞଙ୍କ ମତକୁ କମ୍ ଗୁରୁତ୍ୱ ଦେଇ ଜଟିଳ ପ୍ରସଙ୍ଗରେ ବଡ଼ ନିଷ୍ପତ୍ତି ନେଇଯାଉଛନ୍ତି। ୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ ହେବାଠାରୁ ଦେଶର ଅର୍ଥନୀତି ଉଧେଇପାରୁ ନାହିଁ। ସେତେବେଳେ ଅନେକ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟିକ ସଂସ୍ଥା ଭୁଶୁଡ଼ି ପଡ଼ିଥିଲେ। ଫଳରେ ତାହାର ପ୍ରଭାବ ଦେଶର ଉତ୍ପାଦ ଓ ନିଯୁକ୍ତି କ୍ଷେତ୍ର ଉପରେ ପଡ଼ିଥିଲା। ଏହା ପରେ ଯେତେବେଳେ ଅର୍ଥନୀତି ଟିକେ ପ୍ରଶ୍ୱାସ ପାଇ ଠିଆ ହେବାକୁ ଯାଉଥିଲା କୋଭିଡ୍ ମହାମାରୀ ପୁଣି ବିପର୍ଯ୍ୟୟ ସୃଷ୍ଟି କଲା। ଥରେ ଦୁର୍ବଳତା ଆସିଗଲେ ସେଥିରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିବା ଲାଗି ଦୀର୍ଘ ସମୟ ଲାଗିଥାଏ। ପୁଣି ଓଲିଗାର୍ଚ୍ଚି ବା ଧନିକ ତନ୍ତ୍ର (ଅଳ୍ପ କିଛି ଧନୀ) ଯୋଗୁ ସମଗ୍ର ଅର୍ଥନୀତି ବିକଶିତ ହୋଇପାରୁ ନାହିଁ। କାରଣ ହାତଗଣତି ବ୍ୟକ୍ତିଙ୍କଠାରେ ଅତ୍ୟଧିକ ଧନ ଠୁଳ ହୋଇ ରହିଯାଉଛି। ବଡ଼ କର୍ପୋରେଟ୍ ହାଉସ୍‌ଗୁଡ଼ିକୁ ଅଧିକ ସରକାରୀ ସୁବିଧା ଦିଆଯାଉଥିବାରୁ ଧନର ସୁଷମ ବଣ୍ଟନ ହୋଇପାରୁ ନାହିଁ। ଅର୍ଥନୀତିରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ସଂସ୍ଥାକୁ ଆର୍ଥିକ ଓ ବ୍ୟବସ୍ଥାଗତ ସୁଯୋଗ ଦିଆଯାଇପାରିଲେ ସେମାନେ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ପାଆନ୍ତେ। ଅନେକ ଲୋକଙ୍କ ମଧ୍ୟମରେ ମୁଦ୍ରା ଚଳପ୍ରଚଳ ହେଲେ ତାହା ସାମଗ୍ରୀ ଓ ସେବା କ୍ଷେତ୍ରକୁ ଚଳଚଞ୍ଚଳ କରିପାରନ୍ତା। ଏବେ ବିଦେଶୀ ପୁଞ୍ଜିନିବେଶକମାନେ ଭାରତୀୟ ବଜାରରୁ ଅର୍ଥ ଉଠାଇ ନେଉଥିବାରୁ ସ୍ଥିତି ବିଗିଡ଼ି ଯାଉଛି ବୋଲି କୁହାଯାଉଛି। ଯଦି ଦେଶ ଭିତରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗୀଙ୍କ ପାଇଁ ନିୟମ ସରଳୀକରଣ କରାଯାଇ ବିଭିନ୍ନ ସ୍ତରର ବ୍ୟବସାୟକୁ ପ୍ରୋତ୍ସାହନ ଦିଆଯାଉଥାନ୍ତା, ତେବେ ଆଜିର ଯୁଦ୍ଧଭଳି ସ୍ଥିତି ସମୟରେ ବାହ୍ୟ ନିବେଶକ ଅର୍ଥ ଉଠାଣ କରିନେଲେ ତାହାର ପ୍ରଭାବ ଅର୍ଥନୀତି ଉପରେ ବେଶି ପରିମାଣରେ ପଡ଼ନ୍ତା ନାହିଁ। ସାମ୍ପ୍ରତିକ ସମୟକୁ ଦେଖିଲେ ମଧ୍ୟପ୍ରାଚ୍ୟ ଅଶାନ୍ତ ସ୍ଥିତିର ପ୍ରଭାବ ସମଗ୍ର ବିଶ୍ୱ ବିଶେଷକରି ଏସିଆ ମହାଦେଶ ଉପରେ ଗଭୀର ଭାବେ ପଡ଼ିଛି। ଇନ୍ଧନ ଓ ରନ୍ଧନ ଶକ୍ତିର ସଙ୍କଟ ଯୋଗୁ ଭାରତ ଭଳି ଅଧିକ ଆମଦାନୀ ଉପରେ ନିର୍ଭରଶୀଳ ରାଷ୍ଟ୍ର ବେଶି ଅଡୁଆରେ ପଡ଼ିଯାଇଛି। ଭାରତ ତା'ର ତୈଳଜନିତ ଶକ୍ତି ଚାହିଦାର ୯୦ ପ୍ରତିଶତ ବାହାର ରାଷ୍ଟ୍ର ଉପରେ ନିର୍ଭରଶୀଳ। ଅଧିକ ଆମଦାନୀ ମାନେ ଭାରତକୁ ବହୁଳ ମାତ୍ରାରେ ଅର୍ଥ ଦେବାକୁ ପଡୁଛି। କିଛିବର୍ଷ ପୂର୍ବେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୬୦ରୁ ୭୦ ଡଲାର ଥିବା ବେଳେ ଏବେ ତାହା ୧୧୫ ଉପରକୁ ଯାଇସାରିଲାଣି। ମଧ୍ୟପ୍ରାଚ୍ୟରେ ଅସ୍ୱାଭାବିକ ସ୍ଥିତି ଯଦି ଅଧିକ ଦିନ ଲାଗିରହେ, ତେବେ ଭାରତର ସ୍ଥିତି ଆହୁରି ସଙ୍ଗିନ ହୋଇଯିବ। ଯଦି ବାସ୍ତବରେ ଭାରତର ତୈଳ ଦରକୁ ଅନ୍ତର୍ଜାତୀୟ ଦର ସହ ଯୋଡ଼ିକରି ରଖାଯାଇ ଥାଆନ୍ତା, ତା'ହେଲେ ବ୍ୟାରେଲ ପିଛା ୬୦ରୁ ୭୦ ଡଲାର ଥିଲାବେଳେ ଦେଶ ଭିତରେ ସର୍ବାଧିକ ୪୫ ଭାରତୀୟ ଟଙ୍କା ମୂଲ୍ୟରେ ଲିଟରେ ପେଟ୍ରୋଲ ଗ୍ରାହକଙ୍କୁ ମିଳିପାରି ଥାଆନ୍ତା। ସେହି ସମୟରେ ସରକାର ତାହା କଲେ ନାହିଁ ଏବଂ ତୈଳ କମ୍ପାନୀଗୁଡ଼ିକୁ ଲାଭ ଦେବାକୁ ଯାଇ ଅତ୍ୟଧିକ ଦର ବଜାୟ ରଖିଲେ। ସେହି କମ୍ପାନୀମାନେ ଯେଉଁ ଲାଭ ପାଇଥିଲେ, ତାହାକୁ ସର୍ବନିମ୍ନ ୧ ବର୍ଷ ପର୍ଯ୍ୟନ୍ତ ଆଜିକାର ଦରରେ ରଖିବା ଉଚିତ। କିନ୍ତୁ ଏପ୍ରିଲ ଶେଷ ସୁଦ୍ଧା ଯେତେବେଳେ ପଶ୍ଚିମବଙ୍ଗ ସହିତ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ଶେଷ ହୋଇଯିବ, ସେତେବେଳେ ଯଦି ତୈଳ ମୂଲ୍ୟ ବଢ଼ାଯାଏ ତାହା ଅତ୍ୟନ୍ତ ଅନୈତିକ ଓ ସାଧାରଣ ନାଗରିକ ବିରୋଧୀ ପଦକ୍ଷେପ ହେବ ବୋଲି କହିହେବ। ଯଦି ତୈଳ ଦର ବଢ଼ିଯାଏ, ତାହା ହେଲେ ସବୁ ପ୍ରକାର ସାମଗ୍ରୀ ମୂଲ୍ୟ ଆହୁରି ବଢ଼ିଯିବ। ତେଣୁ ଦେଶର ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ବାସ୍ତବବାଦୀ ଅର୍ଥନୈତିକ ନୀତି ସୃଷ୍ଟି କରାଯିବା ଦରକାର। ●

# ବାଲ୍ୟାବସ୍ଥା କର୍କଟ ଉଦ୍‌ବେଗଜନକ

■ **ସୌଭାଗ୍ୟ ରଂଜନ ମହାନ୍ତି ...**

ଦି ଲାନସେଟରେ ପ୍ରକାଶିତ ଗ୍ଲୋବାଲ ବଡନ ଅଫ ଡିଜିଜ୍ ରିପୋର୍ଟ୨୦୨୩ ଅନୁଯାୟୀ ବାଲ୍ୟବସ୍ଥା କର୍କଟ ମୃତ୍ୟୁ ଏବେ ବିଶ୍ୱରେ ଅଷ୍ଟମ ଅଗ୍ରଣୀ କାରଣ ଭାବେ ଉଭା ହୋଇଛି। ରିପୋର୍ଟରେ କୁହାଯାଇଛି ଯେ, ବାଲ୍ୟବସ୍ଥା କର୍କଟ ରୋଗରେ ମୃତ୍ୟୁ ସଂଖ୍ୟା ମିଳିମିଳା, ଯକ୍ଷ୍ମା, ଏଚଆଇଭି ତଥା ଏଡସ ପରି ସଂକ୍ରାମକ ରୋଗକୁ ଟପିଯାଇଛି। ବ୍ୟାପକ ଟୀକାକରଣ ଯୋଗୁଁ ସଂକ୍ରାମକ ରୋଗର ପ୍ରାର୍ଦୁଭାବ ହ୍ରାସ ପାଉଥିବାବେଳେ ଅଣ-ସଂକ୍ରାମକ ରୋଗ ଶିଶୁଙ୍କ ଜୀବନ ପ୍ରତି ଏବେ ଗୁରୁତର ଧମକ ସୃଷ୍ଟି କରିଛି। ଭାରତରେ ଏବେ ଏହା ଉଦ୍‌ବେଗଜନକ ସ୍ଥିତି ଉତ୍ପନ କରିଛି। ଦେଶରେ ଶିଶୁ ମୃତ୍ୟୁ କ୍ଷେତ୍ରରେ କର୍କଟ ଦଶମ ଅଗ୍ରଣୀ କାରଣ ହୋଇଛି। ଦି ଲାନ୍‌ସେଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୩ରେ କର୍କଟ ଯୋଗୁଁ ୧୭,୦୦୦ରୁ ଉର୍ଦ୍ଧ୍ୱ ଭାରତୀୟ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଭାରତରେ ବାର୍ଷିକ ୫୦ହଜାରରୁ ୭୫ହଜାର ନୂତନ ପେଡିଆଟ୍ରିକ କର୍କଟ ଚିହ୍ନଟ ହୋଇଥାଏ ବୋଲି ଅନ୍ୟାନ୍ୟ ଅନୁଧ୍ୟାନକାରୀ ସଂସ୍ଥା ଆକଳନ କରିଛନ୍ତି। ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚର ନ୍ୟାସନାଲ ସେଂଟର ଫର ଡିଜିଜ୍ ଇନଫର୍ମାଟିକସ୍ ଆଣ୍ଡ ରିସର୍ଚ୍ଚ ଅନୁଯାୟୀ ୨୦୨୨ରେ ଭାରତରେ ମୋଟ କର୍କଟ ଆକ୍ରାନ୍ତଙ୍କ ମଧ୍ୟରେ ୩ ରୁ ୫ ପ୍ରତିଶତ ଶିଶୁ କର୍କଟ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିଲା । ଲାନସେଟ୍ ଅନୁଧ୍ୟାନ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୨୦୨୩ରେ ବିଶ୍ୱର ନିମ୍ନ ଓ ମଧ୍ୟବିତ ରାଷ୍ଟ୍ରଗୁଡିକରେ ଶିଶୁ ମୃତ୍ୟୁ ହାର ୯୪ ପ୍ରତିଶତ ଥିଲା। ସେହିପରି ଉଚ୍ଚ ଆୟକାରୀ ରାଷ୍ଟ୍ରଗୁଡିକରେ ବଂଚି ରହିବା ହାର ୮୦ପ୍ରତିଶତରୁ ଅଧିକ ରହିଛି ଏହା ନିଶ୍ଚିତ ଯେ, ଶିଶୁ ସୁରକ୍ଷା ତଥା ଶିଶୁ ସ୍ୱାସ୍ଥ୍ୟ ଯତ୍ନ କ୍ଷେତ୍ରରେ ଧନୀ ଓ ଗରିବ ରାଷ୍ଟ୍ର ମଧ୍ୟରେ ଏବେ ଅର୍ନ୍ତନିହିତ ଅସମାନତା ଦ୍ରୁତ ବେଗରେ ବଢିଚାଲିଥିବା ରିପୋର୍ଟ ସୂଚନା ଦିଏ। ତେବେ ଦେଶରେ ର୍କକଟ



ମୃତ୍ୟୁ ବୃଦ୍ଧି ପାଇଁ ବିଭିନ୍ନ କାରଣରୁ ଦାୟୀ। କର୍କଟ ରୋଗରେ ଆକ୍ରାନ୍ତ ଥିବା ନେଇ ବିଳମ୍ବରେ ଚିହ୍ନଟ ମୁଖ୍ୟ କାରଣ ହୋଇଥିବାବେଳେ ବାଲ୍ୟବସ୍ଥା କ୍ୟାନସରର ଲକ୍ଷଣ ସାଧାରଣ ରୋଗର ଅନୁକରଣ ତଥା ଅବସାଦ, ଜ୍ୱର, ଓଜନ ହ୍ରାସ ଆଦି ରୋଗ ଚିହ୍ନଟକୁ ବିଳମ୍ବ କରିଥାଏ। ବିଳମ୍ବରେ ଚିହ୍ନଟ ତଥା ଚିକିତ୍ସା ଯୋଗୁଁ କ୍ୟାନସର ଉଗ୍ରରୂପ ଧାରଣ କରିଥାଏ। ବିଶେଷ କରି ସହରାଚଂଳ ତୁଳନାରେ ଗ୍ରାମାଚଂଳରେ ରୋଗ ନିରୁପଣ ଭିତିଭୂମି ଦୁର୍ବଳ। ଦ୍ୱିତୀୟରେ ପ୍ରକୃତ କ୍ୟାନସର ପିଡିତଙ୍କ ଠାରୁ କମ ଆକ୍ରାନ୍ତ ଥିବା ରିପୋର୍ଟ ଆଂଶିକ ତଥ୍ୟ ଦେଇଥାଏ। ସେହିପରି ପେଡିଆଟ୍ରିକ ଆଙ୍କୋଲୋଜି ସ୍ପେଶାଲିଷ୍ଟଙ୍କ ଅଭାବ ସାଙ୍ଗକୁ ବହୁ ଶିଶୁ ଶେଷ ପର୍ଯ୍ୟାୟରେ ଚକିତ୍ସା ପାଇଁ ଯାଇଥାନ୍ତି। ଆହୁରି ମଧ୍ୟ ଚିକିତ୍ସା ବ୍ୟୟ ଭାର ସବୁଠାରୁ ବଡ ଚ୍ୟାଲେଞ୍ଜ ଭାବେ ରହିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଆମ ଦେଶରେ କର୍କଟ ଚିକିତ୍ସାରେ ରିହାତି ସତ୍ୱେ ଗସ୍ତ ଏବଂ ରହଣି ବ୍ୟୟ ଏବଂ ରୋଜଗାର କ୍ଷତି ପରିବାରର ଆର୍ଥୀକ ସ୍ଥିତିକୁ ଦୋହଲାଇ ସେବା ସହ ଚରମ ଦାରିଦ୍ର୍ୟ ମଧ୍ୟକୁ ଠେଲି ଦେଇଥାଏ। ଆମ ଦେଶରେ ବାଲ୍ୟାବସ୍ଥା କର୍କଟ ଚିକିତ୍ସା ଯୋଗ୍ୟ ପ୍ରାରମ୍ଭିକ ରୋଗ ନିରୁପଣ ଏବଂ ସେବା ଯତ୍ନ ପିଡିତଙ୍କୁ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ସହ ଆରୋଗ୍ୟ କରିବାରେ ସହାୟକ ହୋଇଥାଏ। ଆମ ଦେଶରେ କର୍କଟ ନିୟନ୍ତ୍ରଣ ପାଇଁ ଜାତୀୟ କ୍ୟାନସର କଂଟ୍ରୋଲ ପ୍ରୋଗ୍ରାମ ରହିଛି। କେବଳ ତିନି ପ୍ରକାରର କର୍କଟ ତଥ ମୁଖ, ଗର୍ଭାଶୟ ଓ ସ୍ତନ କର୍କଟକୁ ଏଥିରେ ଅନ୍ତର୍ଭୁକ୍ତ ହୋଇଛି। ଏବେ ବାଲ୍ୟାବସ୍ଥା କର୍କଟ ପ୍ରତି ଧ୍ୟାନ ଦିଆଯିବା ଜରୁରୀ। ବିଶେଷ କରି ଚିକିତ୍ସା ସୁବିଧା ସୁଯୋଗର ସମ୍ପ୍ରସାରଣ, ଚିକିତ୍ସକଙ୍କୁ ତାଲିମ, ଦୃଢ ଡାଟା ସିଷ୍ଟମ ଏବଂ ରିହାତି ଚିକିତ୍ସା ବ୍ୟବସ୍ଥା ନିହାତି ଆବଶ୍ୟକ। ଯାହା ସରକାର ଭୁଲିଯିବା ଉଚିତ ନୁହେଁ।

**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୯୪୩୭୯୯୪୩୭୯**

# ଦୂର ଦିଗ୍‌ବଳୟ

■ **ସୋହାଗିନୀ ବେହେରା ...**

ରେଳଗାଡ଼ି ଷ୍ଟେସନ୍ ଛାଡ଼ି ଅନେକବେଳୁ ଚାଲିଗଲାଣି । ପର ଟ୍ରେନ୍‌କୁ ଅପେକ୍ଷାକରି ଲୋକମାନେ ଭିଡ଼ ଜମାଇବାରେ ଲାଗିଥା'ନ୍ତି । ଟ୍ରେନ୍ ଯାଉଥାଏ, ଆସୁଥାଏ । ଲୋକମାନେ ଚଢୁଥା'ନ୍ତି, ଓହ୍ଲାଉଥା'ନ୍ତି । କୁଲିମାନଙ୍କର ଜିନିଷ ନେବା ଦେବାର ଆଉ ଠେଲାଗାଡ଼ିର ଶବ୍ଦ, ବୁଲାବିକାଳିର ବୁଲି ବୁଲି ଜିନିଷ ବିକ୍ରୟ ଆଉ ତା' ସହିତ ଯାତ୍ରୀମାନଙ୍କର ଠେଲାପେଲା ସିଟ୍ ପାଇଁ । ଅଦିନ ଶୀତଟା ସିର୍ ସିର୍ ହୋଇ ଦେହରେ ଗଳିଯାଉଛି । ଜାଣି ନଥିଲି, ଦିଲ୍ଲୀ ଷ୍ଟେସନ୍‌ରେ ଏତେ ଶୀତ ଲାଗିବ ବୋଲି । ଶୀତବସ୍ତ୍ର କିଛି ଆଣି ନଥିଲି ସାଙ୍ଗରେ । ଗୋଟିଏ ଟ୍ରେନ୍ ଆସିଲା କ୍ଷିପ୍ର ଗତିରେ ତୋଫାନ୍ ମେଲ୍ ଭଳି । ପିନ୍ଧିଥିବା ଲୁଗାକାନିକୁ ଦେହରେ ଗୁଡ଼ାଇଆଣିଲି ଶୀତରୁ ରକ୍ଷା ପାଇବି ବୋଲି ।

ସମ୍ପୂର୍ଣ୍ଣା ଠିଆହୋଇଥାଏ ପ୍ଲାଟ୍‌ଫର୍ମର ଗୋଟିଏ କଡ଼ରେ ଖୁଣ୍ଟକୁ ଆଉଜି । ଅପେକ୍ଷା କରିଛି ରାଜଧାନୀ ଏକ୍ସପ୍ରେସ୍‌କୁ । ଦିଲ୍ଲୀରୁ ଓଡ଼ିଶା । ଚାରିବର୍ଷ ରହଣି ମଧ୍ୟରେ ସମସ୍ତଙ୍କୁ ପଛରେ ପକାଇ ଗୋଟିଏ ରିସର୍ଚ୍ଚ କାମରେ ସେ ଦିଲ୍ଲୀରେ ରହିଯାଇଥିଲା । ଯେଉଁ ଜୀବନ ଯନ୍ତ୍ରଣାକୁ ପୁଞ୍ଜିକରି ଅତି ଶୋଚନୀୟ ଅବସ୍ଥାରେ ଘରଠୁଁ ଏକ ରକମ ଅଲଗା ହୋଇଯାଇଥିଲା । 'ଘର' ବୋଲି ଶବ୍ଦ କେମିତି ଅପରିଚିତ ମନେହେଲା; ଯେଉଁଠି ତା'ର ଅତ୍ୟନ୍ତ ନଗଣ୍ୟ ସ୍ନେହ, ଶ୍ରଦ୍ଧାବିହୀନ ଗୋଟିଏ ସମ୍ପର୍କର ସେତୁ । ଏମିତି ଏକ ଅସମ୍ପର୍କୀକୃତ ସଂସାରକୁ ଫେରିବାକୁ ତା'ର ମନ ନଥିଲା । ଦୁଃଖଦ ଜୀବନକୁ ଉଖାଡ଼ିବାକୁ ଆଉ ତା' ଯନ୍ତ୍ରଣାରେ ଜର୍ଜରିତ ହେବାକୁ ସେ ଚାହୁଁନଥିଲା । ସବୁ ସୁଖକୁ ସମୟ ବଦଳାଇଦିଏ । ଦୁଃଖରେ ସେଥିରେ ଇଚ୍ଛା-ଅନିଚ୍ଛାର ପ୍ରଶ୍ନ ଉଠେନା । ଗୋଟିଏ ଜରୁରୀ କାମରେ ଆଜି ଗ୍ରାମାଭିମୁଖୀ; ପୁଣି କ'ଣ ନେଇ ଫେରିବ, ସେଇ ସମୟ କହିବ । ଆସିଗଲା ଏକ୍ସପ୍ରେସ୍ । ପ୍ରଥମେ ଟ୍ରେନ୍‌ରେ ବସିବାକୁ ହେବ ଜିନିଷପତ୍ର ଧରି । ଟ୍ରେନ୍ ଉପରକୁ ଉଠିଗଲା ।

ଟ୍ରେନ୍‌ର ଗତି ସହ ମନର ଗତି ଆଉ ଉତ୍କଣ୍ଠା ବଢ଼ିବାରେ ଲାଗିଥାଏ । ଝରକା କାଚରେ ଦେଖୁଥାଏ । ମରାଳପଂକ୍ତି ଭଳି ଧଳା ବାଦଲଖଣ୍ଡ ନୀଳ ଆକାଶରେ ଛୋଟ ଛୋଟ ବିମାନ ଭଳି ଧାଁ'ଧପଡ଼ କରୁଛନ୍ତି । ବୃକ୍ଷରାଜିଗୁଡ଼ିକ ବିପରୀତ ଦିଗରେ ଚଳୀୟମାନ ବିଭିନ୍ନ ରଙ୍ଗର ବିନ୍ଦୁ ଭଳି ପ୍ରତୀୟମାନ । ଛୋଟ ଛୋଟ ଜଳଧାରା ମରୁଭୂମିର ମରୀଚିକା ସଦୃଶ ଭ୍ରମିତ ହେଉଛି; ଯାହା ଆଗରୁ ସତ୍ୟ ଚିରନ୍ତନ ଶବ୍ଦ ପ୍ରତିଧ୍ୱନିତ ହେଉଛି କେଉଁ ଅଜଣା ଇଲାକାରୁ । ସେହି ଚିନ୍ତନର କ'ଣ ଶେଷ ଥାଏ ! ପ୍ରତି ମୁହୂର୍ତ୍ତରେ ବିଷଧରସର୍ପ ଭଳି ଚୋଟ ମାରୁଥାଏ ବାରମ୍ବାର ଅତୀତ, ବର୍ତ୍ତମାନକୁ ସାକ୍ଷୀ ରଖି । କଷ୍ଟର ସମୟ ବୋଧହୁଏ ସରିନାହିଁ । ଆଉ କିଛି ସମୟ ବାକି କିମ୍ବା ବାକି ସମୟକୁ ହିସାବ କରୁ କରୁ ଏ ସଂସାରରେ ହୁଏତ ନିଶ୍ଚିହ୍ନ ହୋଇସାରିଥିବି । ଖାଲି ରହିଥିବ ପାଦଚିହ୍ନ । ହଁ...ହଁ..., ପାଦଚିହ୍ନ !

ଆଶୁତୋଷ ଯାଇଛି ଦିଲ୍ଲୀ ସହର । ଭାରତର ରାଜଧାନୀ ଆଉ ବହୁ କିମ୍ବଦନ୍ତୀରେ ପରିପୂର୍ଣ୍ଣ ସହର । ଆଗରୁ ଅଭାବ ସହିତ ପରିଚିତ ଥିବା ଲୋକ, ସ୍ୱପ୍ନଠାରୁ ଅଧିକ କିଛି ପାଇଗଲା ପରେ ସେ ହୁଏ ସମାଜର ବିପରୀତମୁଖୀ । ମନ ସହ ସମ୍ପର୍କ ଯାଉଛି ଦୂରେଇ ଦୂରେଇ । ଖୁସିରେ ରହିଲେ, ମଣିଷ ମନ ଭିତରେ କି ପ୍ରକାର ଭାବନାର ସୃଷ୍ଟି ହୁଏ, ସେସବୁକୁ ଖାତିର ନଥିଲା ଆଶୁତୋଷର । ପାଇଛି ମୁକ୍ତି ଅଭାବରୁ, ସଂସାରରୁ, କର୍ତ୍ତବ୍ୟରୁ । ଖାଲି ଆଖିରେ ଦିଶୁଛି ସୁଖ, ଶାନ୍ତି, ଅୟେଶ । ବାରମ୍ବାର ଚିଠି ଆସିଲେ, ସେ ତା'ର ପ୍ରତ୍ୟୁତ୍ତର ଦିଏନା । କେମିତି ଭଲରେ ଜୀବନ ବିତାଇବ ! ସ୍ତ୍ରୀ ଆଉ ଝିଅ ତା'ର ଅଛନ୍ତି ବୋଲି, ତା'ର ସେ ଆଡ଼କୁ ଭ୍ରୂକ୍ଷେପ ନଥିଲା । ନିଜ ପ୍ରଶ୍ନର ଉତ୍ତର ସେ ନିଜେ । ସେମାନଙ୍କୁ ଭୁଲିଯାଇଥିଲା କେବେଠୁଁ । ସମ୍ପୂର୍ଣ୍ଣା ଅପେକ୍ଷାକରେ ତାକୁ ବର୍ଷ ବର୍ଷ ଧରି, ମାସ ମାସ ଧରି । ସେ ହାରିଯାଏନା । ସେତେବେଳେ ତାକୁ ସାହାଯ୍ୟର ହାତ ବଢ଼ାଏ ତା' ବଡ଼ଭାଇ । ସେ ଗେହ୍ଲା ଭଉଣୀକୁ ଦେଖିପାରେନା । ତାକୁ ଦମ୍ଭ ଦିଏ, ପଇସାପତ୍ର ସାହାଯ୍ୟ କରେ, ଭାଣିଜୀର ଯତ୍ନ ନିଏ । ତାଙ୍କ ପ୍ରେରଣାରେ ସମ୍ପୂର୍ଣ୍ଣା ହୋଇଛି ଗୋଟିଏ ସ୍କୁଲ୍ ମାଷ୍ଟରାଣୀ । ଇ.ରୟ. ପରେ ସେ ମାଷ୍ଟରାଣୀ ଚାକିରିଟିଏ ପାଇଲା । ଆଶୁତୋଷର ସ୍ମୃତିକ୍ରମେ ମଉଳି ଆସିଲା । ତା' ଜୀବନରେ ଦିନେ ଫୁଲର ସୁବାସ ଫୁଟାଉଥିବା ଆଶୁତୋଷ ହୋଇଗଲା ନିଶ୍ଚିହ୍ନ ବେଳାଭୂମି । ବାରମ୍ବାର ସମୁଦ୍ରଢ଼େଉ ଆସି ବେଳାଭୂମିକୁ ନିଶ୍ଚିହ୍ନ କରିଦିଏ ଆଉ ତା' ଜାଗାରେ ପୁଣି ଦେଖାଦିଏ ସେଇ ବେଳାଭୂମି । ଯେତେ ଲହଡ଼ି ଆସିଲେ ମଧ୍ୟ ପୁଣି ମୁଣ୍ଡଟେକି ଉଠେ । ସେମିତି ବିଭିନ୍ନ କଥା ଶୁଣି ଶୁଣି ସମ୍ପୂର୍ଣ୍ଣ ହୋଇଥାଏ ରକ୍ତାକ୍ତ । କିଏ କେଉଁ ରୂପ ରଙ୍ଗରେ ତା'ର ଉପମା ଦିଅନ୍ତି । ତାକୁ ଖାତିରି କରେନା ସେ । ଯଦି ପ୍ରକୃତରେ ସେ ଆଶୁତୋଷକୁ ଭଲପାଉଥିବ, ସେ ପୁଣି ଠିକଣା ଖୋଜି ଖୋଜି ସେମାନଙ୍କ ନିକଟରେ ପହଞ୍ଚିବ । ତଥାପି ମନରେ ବିଭିନ୍ନ ଦ୍ୱନ୍ଦ୍ୱ ଦେଖାଦିଏ । ଯଦି ପ୍ରକୃତରେ ସେମାନଙ୍କର ଭଲପାଇବା ଥିଲା, ତା'ହେଲେ ସେ ନିଷ୍ଠୁରଭାବେ ଏମିତି ପଳାୟନପନ୍ଥୀ ହୋଇନଥା'ନ୍ତା । ହୁଏତ ସମୟ କହିବ।

ଝିଅର ୧୦ମ୍ବ ପରୀକ୍ଷା ଚାଲିଥାଏ । କଥା ଛଳରେ କହିଲା, "ମା' ବାପା ବହୁତ ଭଲ ପଢୁଥିଲେ ଦୁହେଁ !" ତା' କଥାରେ କେମିତି ଗୋଟିଏ କୋହ ଥିଲା ।

"ହଁ ରେ ମା' ! ଆମେ ଆଉ କେଉଁଠୁ ତାଙ୍କୁ ପାଇବା । ସେ ଆମଠାରୁ ବହୁତ ଦୂରରେ । ତାଙ୍କର ଆଶା ଆକାଂକ୍ଷା - ଉନ୍ନତିର ସୋପାନ ଉପରେ ସୋପାନ ଚଢ଼ିବା । ସେ ଆପଣେଇଲେ ତାଙ୍କ ମାର୍ଗ, ଛାଡ଼ିଦେଇଗଲେ କିଛି ଭଗ୍ନାଂଶ । ଯେଉଁଠି ଦରସିଝା ପତଙ୍ଗ ଭଳି ଛଟପଟ ହେଉଛି ମୁଁ । କେମିତି ପାଶୋରିବି ତାଙ୍କୁ । କିଛି କୁହାବୋଲା ନାହିଁ; ଆଗକୁ ଆଉ ଭାବିପାରେନା । ସେ ଯେଉଁଠି ଥା'ନ୍ତୁ, ଭଲରେ ଥା'ନ୍ତୁ, ଖୁସିରେ ଥା'ନ୍ତୁ ।" ଠାକୁରଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲା - "ପ୍ରଭୁ ! ତାଙ୍କୁ ଭଲରେ ରଖ ।"

ଆଶୁତୋଷ ଗୋଟିଏ ମିଛ ମାୟାରେ ଛନ୍ଦିହୋଇପଡ଼ିଥିଲା । ତା' ଅଫିସ୍‌ର ସହକର୍ମୀ ସହିତ ତା' ନିଃସଙ୍ଗ ଜୀବନ ବିତୁଥିଲା । ରଙ୍ଗୀନ୍ କରୁଥିଲା ପ୍ରତ୍ୟେକ ମୁହୂର୍ତ୍ତକୁ ତା'ର ଉପାର୍ଜିତ ଟଙ୍କାରେ । କେତେବେଳେ ଭଲ ଟ୍ୟୁରିଷ୍ଟ ପ୍ଲେସ୍, ବିଭିନ୍ନ ହୋଟେଲ୍, ପାର୍କ ଆଉ ପାର୍ଟିରେ - ସବୁଆଡ଼େ ବୁଲୁଥିଲେ ଦୁଇଜଣ ଚକୋର ଚକୋରୀ ପରି । ସପିଙ୍ଗ୍ କରିବା, ହୋଟେଲ୍‌ରେ ଖାଇବା ତ ନିତିଦିନ କଥା । ନମିତାକୁ ଦେଖିଲା ପରେ ସମ୍ପୂର୍ଣ୍ଣ ପର । ପ୍ରେମ ପାଇଁ କିଏ କ'ଣ କରି ନପାରେ ! ହଜାଇଦିଏ ନିଜର ପରିଚୟ, ସ୍ତ୍ରୀ-ପିଲା, ଆତ୍ମୀୟସ୍ୱଜନ ସବୁକିଛି । ଯେଉଁ ସ୍ୱପ୍ନର ଫୁଲର ପାହାଡ଼ ଉପରେ ଚଢୁଥିଲେ, ଘାସର କାର୍ପେଟ୍ ଉପରେ ଚାଲୁଥିଲେ; କ୍ରମେ ସେ ସୁଖର ସମ୍ଭୋଗ ପାଣିଚିଆ ଲାଗୁଥିଲା । ନମିତା ତାହା ସହିତ ଗଲେ, ତାହା ସହିତ ମିଶିଲେ ବରଦାସ୍ତ କରିପାରୁ ନଥିଲେ । ସବୁବେଳେ ତା' ଉପରେ ସନ୍ଦେହ ସନ୍ଦେହ କରୁଥିଲେ । ଥରେ ନମିତା ଜିଦ୍ କଲା - ଦି' ଜଣଙ୍କର ବିବାହ କରିବା ନିହାତି ପ୍ରୟୋଜନ । ଏତେ ଅବିଶ୍ୱାସ ମଧ୍ୟରେ ସେ ବଞ୍ଚିପାରିବ ନାହିଁ । ଶ୍ୱାସରୁଦ୍ଧ ହୋଇଯିବ ସେ; କିନ୍ତୁ ଆଜିକାଲି କହି ଗଡ଼େଇ ଚାଲିଥାଏ ଆଶୁତୋଷ ।

ନମିତା ଥିଲା ବହୁ ପୁରୁଷଭୋଗୀ । ମନ ଭୁଲାଣିଆ କଥା କହି ଅନ୍ୟକୁ ଠକି ଚାଲିଥିଲା । ଆଶୁତୋଷ ଭଳି ସରଳ ଲୋକକୁ ଠକିଦେଲା ସହଜରେ । ସବୁ ଟଙ୍କା ପଇସା ତା' ପଛରେ ଖର୍ଚ୍ଚ କରିସାରିଥିଲା । ସାଙ୍ଗ ସହକର୍ମୀମାନେ ତାକୁ ଯେତେ ସତର୍କ କଲେ ମଧ୍ୟ ସେ କାହା କଥା ଶୁଣୁ ନଥିଲା । ଘରର ଆଡ୍ରେଶ୍ ମାଗିଲେ ଦଉ ନଥିଲା କାହାକୁ । ସମ୍ପୂର୍ଣ୍ଣା ଉପରେ ସବୁ ମାୟା ମୋହ କଟାଇଆସିଛି ଯେମିତି । ନଦୀର ଗତି ସବୁବେଳେ ଆଗକୁ ଆଗକୁ । ପକ୍ଷୀ ନୀଡ଼କୁ ଫେରୁଥିଲା; କିନ୍ତୁ ଆଶୁତୋଷ କେଉଁ ମାୟା ମୋହରେ ମୋହାଚ୍ଛନ୍ନ ଜୀବନଯାପନ କରୁଛି । ଫେରିପାରୁନି ତା' ନୀଡ଼କୁ ।

ଦୁଇଦିନ ପାଇଁ ଅଫିସ୍ କାମରେ ଯାଇଥିଲା ଆସାମ । କେବେ ଫେରିବ; କହିନଥିଲା ନମିତାକୁ । ଫ୍ଲାଇଟ୍ ଲେଟ୍ ଯୋଗୁଁ ପହଞ୍ଚିବାରେ ବିଳମ୍ବ ହେଲା । ପହଞ୍ଚୁ ପହଞ୍ଚୁ ରାତି ବାରଟା । ଡୋର୍ ନକ୍ କଲା । କେହି ଖୋଲୁ ନଥିଲେ । ଡୋର୍ ଭିତରୁ ବହୁ ଲୋକଙ୍କ ପାଟି ଶୁଭୁଥିଲା । ବାରମ୍ବାର ନକ୍ କରିବାରୁ ଡୋର୍ ଖୋଲିଲେ କେହିଜଣେ । ଭିତରକୁ ରାଗ ତମତମ ହୋଇ ପଶିଗଲେ ଆଶୁତୋଷ । ଯାହା ଦେଖିଲେ, ନିଜ ଆଖିକୁ ବିଶ୍ୱାସ କରିପାରିଲେନି । ନମିତା ଗୋଟିଏ ପୁରୁଷ ବନ୍ଧୁ ଦେହରେ ଗୁଡ଼ାଇ ହୋଇଛି । ପ୍ରଚୁର ମଦ୍ୟପାନ କରିଛି । ନିଜ ଦେହରେ ବାରମ୍ବାର କମ୍ପନ ସୃଷ୍ଟି ହେଉଥାଏ । କାଳ, ସ୍ଥାନ ନ ବିଚାରି ନମିତା ଉପରେ କଷିଦେଇଗଲେ ଚାପୁଡ଼ା ଉପରେ ଚାପୁଡ଼ା । ଅନ୍ୟମାନେ ମଦ ନିଶାରେ ଟଳି ଟଳି ବାହାରିଗଲେ ।

ଆଶୁତୋଷକୁ ଏତେ ଅପମାନ ଲାଗିଲା ଯେ, କ୍ଲବ୍‌ରେ ବସି ମଦ ପିଇବାକୁ ଲାଗିଲା । ସେ କିଛି ବୁଝିବା ଅବସ୍ଥାରେ ନଥିଲା । ଯାହାକିଛି ରୋଜଗାର କରୁଥିଲା, ସବୁ ମଦ ଖାଇବାରେ ଉଡ଼ାଇ ଦେଉଥିଲା । କ୍ଲବ୍‌ରେ ଥିବାବେଳେ ତା'ର ଘନିଷ୍ଠ ସାଙ୍ଗ ଦିନେଶ ସହିତ ଦେଖାହେଲା । ଦିନେଶ ତା'ର ଏ ଅଧୋଗତି ଦେଖି ଦୁଃଖ ପ୍ରକାଶ କଲା । ଘରର ସମସ୍ତ କଥା ତାକୁ କହିଲା । ତା' ଝିଅ ଟପ୍ପର୍ ହୋଇଛି ଏବଂ ବରହମ୍ପୁରରେ ମେଡ଼ିକାଲ୍ ପଢୁଛି । ସେଥିରେ କିଛି ଫରକ୍ ନଥିଲା ତା'ର । ନମିତାର ବିଶ୍ୱାସଘାତକତା ତାକୁ ଆଘାତ ପରେ ଆଘାତ ଦେଇଚାଲିଥିଲା । ରାଗରେ ଅନ୍ଧ ହୋଇଥିଲା - କେମିତି ସୁଯୋଗ ଉଣ୍ଡି ତା'ର ସର୍ବନାଶ କରିବ । ତା'ର କୂଳ କିନାରା ନପାଇ ହତାଶ ହେଉଥିଲା ଦିନକୁ ଦିନ ।

ଦିନେଶ ଫୋନ୍ କରିଥିଲା ସମ୍ପୂର୍ଣ୍ଣାକୁ - କେମିତି ନଷ୍ଟଭ୍ରଷ୍ଟ ହୋଇଯାଇଛି ସେ । ଦିନେଶର ସହାୟତାରେ ସେ ପହଞ୍ଚିପାରିଥିଲା ତା' ପାଖରେ; କିନ୍ତୁ ଆଶୁତୋଷ ତାକୁ ନ ଜାଣିବାର ନାଟକ କଲା । ତଥାପି, ଦବି ନଯାଇ ତା' ଘରେ ପହଞ୍ଚିଥିଲା । ତାକୁ ବୁଝାଶୁଝା କରିଥିଲା । ପ୍ରତିଉତ୍ତରରେ ମାଡ଼, ଗାଳି, ଅଶ୍ଳୀଳ ବ୍ୟବହାର କରିବାକୁ ପଛେଇ ନଥିଲା । ମୁହଁ, ବେକ, କାନମୁଣ୍ଡା ସିଝିଯାଇଥିଲା ମାଡ଼ରେ । ଠାକୁରଙ୍କୁ ଡାକି ଫେରିଆସିଥିଲା ତା' ପାଖରୁ । ସବୁଦିନ ପାଇଁ ମନର ଆଶା ଭରସା ମଉଳି ଯାଇଥିଲା । ଭାବିଲା - ଏ ଜାଗା ଛାଡ଼ି ଅନ୍ୟତ୍ର ଚାଲିଗଲେ ସବୁର ସ୍ମୃତି ଲିଭି ନିଶ୍ଚିହ୍ନ ହୋଇଯିବ । ଏମିତି ଜୀବନ ଧରି ବଞ୍ଚିବା ଅପେକ୍ଷା ମୃତ୍ୟୁ ବରଂ ଶ୍ରେୟସ୍କର ।

ନାରୀ ଗୋଟିଏ ସହିଷ୍ଣୁର ପ୍ରତୀକ । ହାରିଯିବା ତା' ଜନ୍ମରେ ନାହିଁ । ସ୍ୱାମୀଠାରୁ ହାରିଗଲେ କ'ଣ ହେବ; କିନ୍ତୁ ଜୀବନ ଯୁଦ୍ଧରେ ଏକାକୀ ଲଢ଼ିବ । ଠାକୁରଙ୍କୁ ଡାକି ମନରେ ପ୍ରତିଜ୍ଞା କଲା - ଆଶୁତୋଷ ତା' ଜୀବନରେ କେବେ ନଥିଲା, ଆଜିବି ନାହିଁ । ପିଲାକୁ ଉଚିତ୍ ମାର୍ଗରେ ଶୃଙ୍ଖଳିତ ସଂସ୍କାର ଦେଇ ଗଢ଼ିବ । ସେ ହେବ ଅନ୍ୟମାନଙ୍କର ପ୍ରେରଣାର ଉତ୍ସ । ଝିଅ ତୁହିନା ସବୁଥିରେ ଆଗୁଆ; ପାଠରେ, ଖେଳରେ, ବୁଦ୍ଧିରେ ସର୍ବସମ୍ପନ୍ନା । ସମସ୍ତେ ଆହା କରନ୍ତି, ଶ୍ରଦ୍ଧା କରନ୍ତି, ଆଦର କରନ୍ତି ତାକୁ । ଝିଅର ଗରୟସମବକ୍ଷ ର ୨ଭୟ ଛରବକ୍ସ। ମା' ମନକଥା ବୁଝିପାରେ ଅକ୍ଳେଶରେ । ଯେତିକି ସମୟ ପାଏ, ମା'କୁ ଘରକାମଠାରୁ ସବୁକାମରେ ସାହାଯ୍ୟ କରେ ସେ । ତା'ର ଗୋଟିଏ ଲକ୍ଷ୍ୟ, ଭଲ ଚିକିତ୍ସକ ହୋଇ ଲୋକମାନଙ୍କୁ ସେବା ଯୋଗାଇବ ନିଃସ୍ୱାର୍ଥ ଭାବେ । ମା'ଠାରୁ ସବୁ ପ୍ରେରଣା, ସ୍ୱାଧୀନତା ପାଇଛି ସେ। ଦିନ ଗଡ଼ିଚାଲେ ଆଗକୁ ଆଗକୁ ।

ମଦ ପିଇ ପିଇ ଆଶୁତୋଷ କାମରେ ବେଶି କିଛି ଧ୍ୟାନ ଦିଏନା । ସମସ୍ତେ ଦେଖି ତାକୁ ଥଟ୍ଟା କରନ୍ତି, ମଜାକ୍ ଉଡ଼ାନ୍ତି । ନମିତା ଯିବାପରେ ତା'ର ଗତିପଥ ବଦଳିଯାଇଛି। ବାରମ୍ବାର କ୍ଲବ୍ ଆଉ ହୋଟେଲ୍ ଆଉ ବାର୍ । ବାର୍‌ରେ ରାତି କଟାଏ। କେବେ ଫେରେ ବା ନଫେରେ, ତା' କଥା କେହି ଜାଣନ୍ତି ନାହିଁ । ହୋଟେଲ୍‌ରେ ସେଦିନ ସେ ଅଧିକ ପଇସା ଦେଇଥାଏ ଆଉ ସୁନ୍ଦରୀ ତରୁଣ ସାନ୍ନିଧ୍ୟ ପାଇଁ ବ୍ୟାକୁଳ ଥାଏ । ହୋଟେଲ୍‌ର କକ୍ଷରେ ଜଳୁଥାଏ ଧିମା, ଗୋଲାପି ଲାଇଟ୍ । ମହମହ ହୋଇ ବାସୁଥାଏ କକ୍ଷଟି । ପ୍ରବେଶକଲା ଅତ୍ୟାଧୁନିକ ସାଜସଜ୍ଜାରେ ତରୁଣୀ ଜଣେ। ଆଶୁତୋଷ ପାଖରେ ବସି ଡ୍ରିଙ୍କ୍ସ ତିଆରି କଲା । ଦୁହେଁ ମିଶି ଡ୍ରିଙ୍କ୍ସ କଲେ ଭରା ଆଧୁନିକତାର ପରିଚୟ ଦେଇ । କିନ୍ତୁ, ତରୁଣୀର ହାତ ଦେଖି ଚମକି ପଡ଼ିଲା। ଆଶୁତୋଷ କିନ୍ତୁ ନ ଚିହ୍ନିବାର ଅଭିନୟ କଲା । ତରୁଣୀଟି ଲାଜରେ ସଡସଡ଼ ହୋଇଯାଉଥାଏ । ଆଗରୁ କୌଣସି ପୁରୁଷକୁ ନ ଦେଖିଲା ପରି ବ୍ୟବହାର କରୁଥାଏ ।

ନମିତା ସୁନ୍ଦର ଅଭିନୟ ତ କରିପାରୁଛି । ସୋହାଗ ରାତିରେ ପ୍ରଥମ ପୁରୁଷକୁ ପାଇଲା ଭଳି ଲାଜରେ ମୁହଁରୁ ଝରିପଡୁଛି ସ୍ୱେଦବିନ୍ଦୁ । ମୁହଁକୁ ଉଠାଇ ନେଉଛି ବାରମ୍ବାର । କେତେବେଳେ ସେ ଶୋଇପଡ଼ିଛି ରତିକ୍ରାନ୍ତା ତରୁଣୀ ଭଳି । ସେ ସୁଯୋଗକୁ ହାତଛଡ଼ା କରିପାରି ନଥିଲା ଆଶୁତୋଷ । ପାଖରେ ଥିବା ଫଳକଟା ଛୁରୀ ଆଣି ବାରମ୍ବାର ଆଘାତ କରିଥିଲା ତାକୁ । ଚିତ୍କାରକରି ପଡ଼ିଯାଇଥିଲା ବେଡ୍‌ରେ । ରକ୍ତରେ ଜୁଡୁବୁଡୁ ଦେହ ଧୋଇଧାଇ ହୋଇ ଆଶୁତୋଷ ଟିକେଟ୍ କାଟି ଘରକୁ ଚାଲିଆସିଥିଲା ।

ସକାଳୁ ଦିନମଣି ଭୂମିକୁ ସ୍ପର୍ଶ କରୁଥା'ନ୍ତି । ଅଦିନିଆ ବର୍ଷା ଆକାଶରୁ ଅପସରି ଯାଇଥିଲା । ଓଦା ଓଦା ଭୂଇଁରୁ ବାସ୍ନା ଆସୁଥିଲା । ପ୍ରଥମ ବର୍ଷାର ସମ୍ଭାଷଣରେ ଆମ୍ବ ଗଛରେ ଚଢ଼େଇମାନେ ଖୁମ୍ପାଖୁମ୍ପି ହୋଇ ଅଣ୍ଟ ସଜାଡୁଥା'ନ୍ତି । ସମ୍ପୂର୍ଣ୍ଣା ଥାଏ ତରତର । ଆମର ପରୀକ୍ଷା ଥିବାରୁ ସଅଳ କାମ ସାରିବାକୁ ହେବ । ଏଥରକ ସମସ୍ତଙ୍କୁ ଅଲଗା ଅଲଗା ସ୍କୁଲ୍‌ରେ ଡିୟୁଟି ପଡ଼ିଛି । ତେଣୁ ସେ ତରତର ଥିଲା । ପାଖରେ କୁଆଟିଏ କା...କା... କରୁଛି । ସେ ମୁଠାଏ ଚାଉଳ ତା' ପାଖରେ ଥୋଇଦେଇ କାମ ସାରିବାକୁ ଚାଲିଗଲା । ଝିଅର ନିଦ ସେ ପର୍ଯ୍ୟନ୍ତ ଭାଙ୍ଗି ନଥାଏ । ଏତେଶୀଘ୍ର ତା'ର ଉଠିବାର ଅଭ୍ୟାସ ନାହିଁ । ତେଣୁ ତାକୁ ଡାକି ନଥିଲା । ନିଜକୁ ପ୍ରସ୍ତୁତ କରୁଥିଲା । ଜଳଖିଆ ବନେଇ ତା' ପାଇଁ ରଖିଦେଲା । ନିଜେ ଖାଇ ବାହାରିଲାବେଳକୁ ଝିଅ ତୁହିନାକୁ ଡାକିଦେଇ କବାଟ ଖୋଲିଲା । ଦୁଆର ମୁହଁରେ ପ୍ରଣତି ଜଣାଇଲାବେଳକୁ ଆଶୁତୋଷ ଆଖି ସାମ୍ନାରେ ପାଟିରୁ ବାହାରିପଡ଼ିଲା, "ତୁମେ... !"

କିଛି ଉତ୍ତର ନଦେଇ ଘରଭିତରକୁ ପଶିଗଲା ସେ । ପଛେ ପଛେ ସମ୍ପୂର୍ଣ୍ଣା । ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଥାଏ ସେ । କିନ୍ତୁ, ଆଶୁତୋଷର କୌଣସି ଉତ୍ତର ନଥିଲା । ଶୂନ୍ୟକୁ ଚାହିଁଥିଲା ସେ । ପାଖକୁଯାଇ ହଲାଇଦେଇ ପଚାରିଲା, "ମୁଁ ତୁମକୁ ପଚାରୁଛି ପରା ! ମୁଁ ଗୋଟିଏ ମର୍ଡର କରିଛି । ପୋଲିସ୍ ଖୋଜି ଖୋଜି ନିଶ୍ଚୟ ମୋ ପାଖରେ ପହଞ୍ଚିଯିବ" - କହି ଚୁପ୍ ରହିଲା ଆଶୁତୋଷ ।

"କାହାକୁ କାହିଁକି ମର୍ଡର କଲ ? କିଏ ତମର କ'ଣ କରିଥିଲା; ତାକୁ ଦୁନିଆରୁ ହଟାଇଦେଲ !" ଚୁପ୍ ହୋଇ ବସିଗଲା କିଛିକ୍ଷଣ । ଏମାନଙ୍କ ପାଟିରେ ତୁହିନା ଉଠିସାରିଥିଲା । ମାଆକୁ କହିଲା, "ତୁମେ ସ୍କୁଲ୍‌କୁ ଯାଅ । ମୁଁ ବାପାଙ୍କ ପାଖରେ ଅଛି ।" ସମ୍ପୂର୍ଣ୍ଣା ସ୍କୁଲ୍‌କୁ ବାହାରିଲା । ଏମିତିରେ ଡେରି ହୋଇଯାଇଥିଲା । ହେଡ୍ ମିଷ୍ଟ୍ରେସ୍ ହୋଇଥିବାରୁ ଅନେକଗୁଡ଼ିଏ କାମ ତ ନିଶ୍ଚୟ । ସେଥିପାଇଁ କୁହାଯାଇଛି, "ସଂସାରୀ ମଣିଷ ସବୁବେଳେ ଆବେଗରେ ନୁହେଁ; ନିଜେ ଭାବି, ବିଚାରକରି ବିବେକ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ । ସମ୍ଭବତଃ ବିଚାର ନକଲେ ବିପଦାସ୍ପଦ ପରିସ୍ଥିତିରେ ଗତି କରିବା ସାର ହୁଏ । ଆମେ କିଛି ନ ବୁଝି, ନ ଶୁଝି ଉତ୍ତେଜିତ ହୋଇ ଅନେକକିଛି ଭୁଲ୍ କାମ କରିବସୁ; ଯାହାର ପରିଣାମ ମନର ସୃଜନଶୀଳତା ଲୋପପାଇବା ସଙ୍ଗେ ସଙ୍ଗେ ବୁଦ୍ଧି ବିବେକ ସାମଗ୍ରିକ ଭାବେ ଲୋପପାଇଯାଇଥାଏ ।"

ଗୋଟିଏ ଅଟୋରେ ଯାଇ ଘରେ ପହଞ୍ଚିଥିଲା । ଆଶୁତୋଷ ଏକ ରକମ ତାକୁ ଅପେକ୍ଷା କରିଥିଲା । ତା' ପାଇଁ ଖାଇବାର ବନେଇଥିଲା । ଫ୍ରେସ୍ ହେବାକୁ କହିଥିଲା । ସମ୍ପୂର୍ଣ୍ଣା ନିଜର ନିତ୍ୟକର୍ମ ସାରି ରୋଷେଇଘରକୁ ଗଲା । ରୋଷେଇ ସରିଛି ଅନେକ ଲୋକଙ୍କ ପାଇଁ । ଆଶ୍ଚର୍ଯ୍ୟ ହୋଇଗଲେ, ସେମାନେ ତ ଦୁଇଜଣ ଏତେ ଖାଇବା... ! ଦୂରକୁ ଲକ୍ଷ୍ୟ କରୁଥିଲେ ଆଶୁତୋଷ । କିଛି କହୁ ନଥିଲେ । ସେ ତ ତାକୁ ସରପ୍ରାଇଜ୍ ଦେବାକୁ ଚାହୁଁଥିଲେ । ଚାହୁଁଥିଲେ ବାରମ୍ବାର ତା' ମୁହଁକୁ । ପୁରୁଣା ସ୍ମୃତି କେମିତି ଜୀବନ୍ତ ହୋଇଉଠୁଛି ଆପଣାଛାଏଁ ! ଅତୀତ କାହିଁ କେତେ ଦୂରରେ । ବର୍ତ୍ତମାନ ଅନାଗତ ଭବିଷ୍ୟତର ମୂକସାକ୍ଷୀ । ବାକ୍‌ଶକ୍ତିହୀନ ସମ୍ପୂର୍ଣ୍ଣା । ଏତେବର୍ଷ ଭିତରେ ସେ ଟିକିଏହେଲେ ବଦଳିନାହାନ୍ତି । ଆଗଠୁଁ ଆହୁରି ମଜବୁତ୍ ଭଳି ମନେହେଉଛନ୍ତି । ସବୁକଥାର ଉତ୍ତର ଚାହୁଁଥିଲା ମନେ ମନେ । ହଠାତ୍ ତା' ହାତଧରି ଟାଣିନେଲେ ବାହାରକୁ ଆଶୁତୋଷ । ପୂରା ଖୋଲା ଆକାଶ । ମୁହଁରେ ପଡୁଛି ସୂର୍ଯ୍ୟୋଦୟର ଈଷତ୍ ଲାଲ୍ ଆଭା । କଥା ଆରମ୍ଭ କଲେ - "ତୁମକୁ ଡାକିଛି ତୁହିନାର ବାହାଘର ପାଇଁ । ବିନୋଦ ଘରଲୋକ ସେମାନଙ୍କର ଭଲପାଇବାର ପ୍ରକୃତ ମୂଲ୍ୟାଙ୍କନ କରିଛନ୍ତି । ତମେ ନ ଆସିଥିଲେ କିଏ ଏ ବାହାଘରରେ ସ୍ୱୀକୃତି ଦେଇଥା'ନ୍ତା । ମୁଁ ତୁମକୁ କିଛି ନ କହି ଡାକିଆଣିଲି । ଦେଖ ! ସେ ଦୂର ଦିଗ୍‌ବଳୟ ଆଡ଼କୁ । ମିଶିଯାଇଛି ପୃଥିବୀ ଆକାଶକୁ ଏକାକାର କରି । ସେଇ ଏକାକାରରେ ଦୁଇଟି ବିନ୍ଦୁ ଫୁଟିଉଠୁଛି ଦୂର ଦିଗ୍‌ବଳୟରେ ଉଲ୍‌କାଭଳି ଦପ୍ ଦପ୍ କରୁଛି । ଏକାକାର ହୋଇଯିବେ ବିନ୍ଦୁ ଦୁଇଟି ଗୋଟିଏ ବିନ୍ଦୁରେ । ସମୟ ଉଜାଣି ସୁଅରେ ଆମ ଜୀବନ ହୋଇଛି ବିପର୍ଯ୍ୟସ୍ତ । ପୁଣି ଆମେ ମିଳିତହେବା ଗୋଟିଏ ବିନ୍ଦୁରେ ।

ହଜିଯିବା ଦୂର ଦିଗ୍‌ବଳୟର ମଧୁର ବକ୍ଷରେ । ଛାତି ଉପରକୁ ଆଉଜି ପଡ଼ିଥିଲା ସମ୍ପୂର୍ଣ୍ଣା ବର୍ତ୍ତମାନକୁ ଭରସା କରି ।

**ପ୍ଲଟ୍ ନଂ ୧୩୪୨,**
**ମହାନଦୀବିହାର, କଟକ**
**ମୋ.- ୮୯୧୭୩୦୩୬୪୫**

### ୯ ଲକ୍ଷ ୮୦ ହଜାର ଭୋଟରଙ୍କ ନାମ କଟିବା ଘଟଣା

# ବିଜେଡି ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ଅଫିସ ଘେରାଉ



ଭୁବନେଶ୍ୱର (ହର୍ଷିକା) : ନିଜ ଘରେ, ନିଜ ମାଟିରେ ଭୋଟରଙ୍କୁ ଶରଣାର୍ଥୀ କରିବାକୁ ଉଦ୍ୟମ। ଏହି ସଂଗୀନ ଅଭିଯୋଗ କରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ ଘେରାଉ କରିଛି ବିଜେଡି। ପ୍ରାକ୍ ଏସ୍ଆଇଆର୍‌ରେ ରାଜ୍ୟର ଭୋଟର ତାଲିକାରୁ ୯ ଲକ୍ଷ ୮୦ ହଜାରରୁ ଅଧିକ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଓଡ଼ିଶାରେ ବିରୋଧୀଙ୍କ ଗଡ଼ ଭାଙ୍ଗିବାକୁ ଏହା ବିଜେପି ସରକାରର ଷଡଯନ୍ତ୍ର। ଯେଉଁଠି ବିରୋଧୀଙ୍କ ଗଡ଼, ସେଠି ଭୋଟରଙ୍କୁ ବାଦ ପକାଇ ବୁଥ କବଜା କରିବାକୁ ରାଜ୍ୟ ସରକାର କରୁଛନ୍ତି ହୀନ ଚକ୍ରାନ୍ତ। ନିର୍ବାଚନ କମିଶନ ସ୍ୱଚ୍ଛତା ଅବଲମ୍ବନ କରନ୍ତୁ ବୋଲି ଦାବି କରିଛି ବିଜେଡି।ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଚିଠି କରିଛି। ଏପ୍ରିଲ ୧୬ରୁ ଆରମ୍ଭ ହୋଇଥିବା ଜନଗଣନା ମେ ୧୫ ପର୍ଯ୍ୟନ୍ତ ଚାଲିବ। ସୋନପୁର ଜିଲ୍ଲାରେ ଜଣେ କର୍ମଚାରୀଙ୍କ ହୃଦଘାତରେ ମୃତ୍ୟୁ ହୋଇଥିଲା। ଗଣନାକାରୀ ନିଖୋଜ ହେବା ସହ ହିଟ ଷ୍ଟ୍ରୋକ ଓ ଦୁର୍ଘଟଣାର ଖବର ଆସିଥିଲା।

କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କାମାକ୍ଷାନଗର ମହିମାନଗରରେ ଜନଗଣନା କରିବାକୁ ଯାଇଥିବା ଜଣେ କର୍ମଚାରୀଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି। ଏଥିରେ ୪ଜଣ ଆହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ୨ଜଣ ମହିଳା କର୍ମଚାରୀ ଅଛନ୍ତି। ସେମାନଙ୍କ ମୁହଁରେ ଗଭୀର ଆଘାତ ଲାଗିଛି । କାସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ଦୁଇ ପୁଅ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଜନଗଣନା କରୁଥିବା ଦିଦିଙ୍କ ଗାଡି ମଧ ଭାଙ୍ଗି ଦେଇଛନ୍ତି। ଏହାସହ ପଥର ଧରି ମାରିବାକୁ ଗୋଡାଇଥିବା ଅଭିଯୋଗ ହୋଇଛି । ଖବର ପାଇ କାମାକ୍ଷାନଗର ଉପଜିଲ୍ଲାପାଳ, ତହସିଲଦାର, ଏସଡିପିଓ ଓ ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ପୁଲିସ୍ ଆକ୍ରମଣକାରୀଙ୍କୁ ଅଟକ ରଖି ତଦନ୍ତ କରୁଛନ୍ତି ।

### ମହାନଦୀ ଜଳବିବାଦ ମାମଲା

# ହସ୍ତକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସସ୍ମିତ ପାତ୍ର

ଭୁବନେଶ୍ୱର (ହର୍ଷିକା) : ମୁଖ୍ୟମନ୍ତ୍ରୀଙ୍କୁ ବିଜେଡି ସାଂସଦଙ୍କ ଅନୁରୋଧ । ଖୁବଶୀଘ୍ର ଆକ୍ସନ ନିଅନ୍ତୁ, ଏହି ବିବାଦୀୟ ପ୍ରସଙ୍ଗରେ ହସ୍ତକ୍ଷେପ କରନ୍ତୁ । ନହେଲେ ବୁଡ଼ିଯିବ 'ମହାନଦୀ' ଆଶା । ମହାନଦୀ ଜଳ ବିବାଦ ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀ ଚରଣ ମାଝୀଙ୍କୁ ନିବେଦନ କରିଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର । ଏକ ଭିଡିଓ ବାର୍ତ୍ତା ଜରିଆରେ ସେ କହିଛନ୍ତି ଯେ, ମହାନଦୀ ଟ୍ରିବ୍ୟୁନାଲରେ ଏହି ସମ୍ବେଦନଶୀଳ ମାମଲାର ଶୁଣାଣି ମେ ୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ତାପୂର୍ବରୁ ରାଜ୍ୟ ଜଳସଂପଦ ବିଭାଗ ଏବଂ ଆଇନ ବିଭାଗ ସହ ମୁଖ୍ୟମନ୍ତ୍ରୀ ବୈଠକ ଡାକନ୍ତୁ । ଟ୍ରବ୍ୟୁନାଲରେ ଓଡ଼ିଶା ସରକାର ଏମିତି ତଥ୍ୟ ରଖନ୍ତୁ । ଯେମିତି ଟ୍ରବ୍ୟୁନାଲର ନିଷ୍ପତ୍ତି ଓଡ଼ିଶା ସପକ୍ଷରେ ଯିବ । ସେହିପରି ପୂର୍ବ ଶୁଣାଣିରେ ଟ୍ରିବୁନାଲ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯେଉଁପ୍ରକାରେ କାର୍ଯ୍ୟଧାରାରେ ମନ୍ଥରତା ଓ ପରିଚାଳନା ହେଉଛି । ଏଭଳି ମାମଲାର ପରିଚାଳନା ଶୈଳୀକୁ ନେଇ ଟ୍ରିବ୍ୟୁନାଲ୍ ଅସନ୍ତୋଷ ପ୍ରକାଶ କରିଛନ୍ତି । ଯେଉଁ ନିର୍ଦ୍ଦିଷ୍ଟ ତାରିଖ ଥିଲା ବୈଠକର ବିବରଣୀ ଚୂଡ଼ାନ୍ତ କରିବା ପାଇଁ ସେହି ତାରିଖରେ ନହୋଇ ପ୍ରତିଶ୍ରୁତି ରକ୍ଷା କରାଯାଇନାହିଁ । ବିବାଦୀୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଏପର୍ଯ୍ୟନ୍ତ କୌଣସି ଠୋସ୍ ପ୍ରସ୍ତାବ ଏପର୍ଯ୍ୟନ୍ତ ରେକର୍ଡରେ ରଖାଯାଇନାହିଁ । ଏହି ବିବାଦ ଓଡ଼ିଶାର ଅନେକ ଜିଲ୍ଲାର ଭାଗ୍ୟ ନିର୍ଭର କରୁଛି । ସେଠାରେ ହେଉଥିବା ଚାଷ କାର୍ଯ୍ୟ, ପାନୀୟ ଜଳ ଏବଂ ପରିବେଶ ସୁରକ୍ଷା ସହିତ ଜଡ଼ିତ ।

## ପ୍ରଥମ ପୃଷ୍ଠାରୁ...

**ଅଶୋଧିତ ତୈଳ :** ସରକାରଙ୍କ ଏହି ପରିବର୍ତ୍ତନ ଅନ୍ତର୍ଜାତୀୟ ସ୍ତରରେ ବଢ଼ୁଥିବା ସଷ୍ଟେନେବଲ ଆଭିଏସନ୍ ଫୁଏଲ୍(ଏସ୍ଏଏଫ୍)ର ପ୍ରଚଳନକୁ ଧ୍ୟାନରେ ରଖି କରାଯାଇଛି । ସଷ୍ଟେନେବଲ ଆଭିଏସନ ଫୁଏଲ୍ ହେଉଛି ଏଭଳି ଏକ ବୈକଳ୍ପିକ ଇନ୍ଧନ, ଯାହାକୁ ଖାଇବା ତେଲ, କୃଷି ଅବଶେଷ ଏବଂ ଅଳିଆରୁ ପ୍ରସ୍ତୁତ କରାଯାଇଥାଏ । ଏଥିରେ ଇଥାନଲ୍‌ର ମିଶ୍ରଣ ବି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହାର ସବୁଠୁ ବଡ଼ ବିଶେଷତ୍ୱ ହେଉଛି, ଏହାର ବ୍ୟବହାର ପାଇଁ ବିମାନ ଇଞ୍ଜିନ ଅବା ଫୁଏଲ୍ ସପ୍ଲାଏ ସିଷ୍ଟମ୍‌ରେ ବଡ଼ ପରିବର୍ତ୍ତନର ଆବଶ୍ୟକତା ପଡ଼ି ନ ଥାଏ । ଏହା ପାରମ୍ପରିକ ଜେଟ୍ ଇନ୍ଧନ ତୁଳନାରେ ଅଙ୍ଗାରକାମ୍ଳ ନିର୍ଗମନରେ ଅନେକ ମାତ୍ରାରେ ସହାୟକ ହୋଇଥାଏ । ଭାରତ ଏହାର ଆବଶ୍ୟକତାର ପାଖାପାଖି ୮୭% ଅଶୋଧିତ ତୈଳ ବାହାରୁ ଆମଦାନି କରିଥାଏ । ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଅଶାନ୍ତି କାରଣରୁ ତେଲ ଦରରେ ଉତ୍‌ଥାନ ପତନ ଲାଗିରହିଛି, ଯାହାର ସିଧାସଳଖ ପ୍ରଭାବ ଦେଶର ଅର୍ଥବ୍ୟବସ୍ଥା ଉପରେ ପଡ଼ିଥାଏ । ବିମାନ ଇନ୍ଧନରେ ଇଥାନଲ ମିଶ୍ରଣ ଦ୍ୱାରା ଅଶୋଧିତ ତୈଳ ଖର୍ଚ୍ଚ କମିବ, ଯାହାଦ୍ୱାରା ସରକାର ଅନେକ ମାତ୍ରାରେ ବିଦେଶୀ ମୁଦ୍ରା ସଞ୍ଚୟ କରିବେ । କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଏହି ନିଷ୍ପତ୍ତିକୁ ସ୍ୱାଗତ କରି କହିଛନ୍ତି ଯେ, ଦେଶକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର କରିବାକୁ ପଡ଼ିବ । ଆଗାମୀ ସମୟରେ ଭାରତକୁ ୧୦୦% ଇଥାନଲ ମିଶ୍ରଣ ଲକ୍ଷ୍ୟ ରଖିବା ଦରକାର ବୋଲି ସେ କହିଛନ୍ତି । ଗଡ଼କରୀ ଆହୁରି କହିଛନ୍ତି ଯେ, ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରତା ସମ୍ପୂର୍ଣ୍ଣ ରୂପେ ସମାପ୍ତ କରିବାର ଆବଶ୍ୟକତା ରହିଛି । ସେ ଲମ୍ବା ସମୟ ଧରି ଫ୍ଲେକ୍ସ-ଫୁଏଲ୍ ଏବଂ ଗ୍ରୀନ ହାଇଡ୍ରୋଜେନ ବ୍ୟବହାର ଉପରେ ଜୋର ଦେଉଛନ୍ତି । ସରକାରଙ୍କ ଧ୍ୟାନ କେବଳ ବିମାନ ପର୍ଯ୍ୟନ୍ତ ସୀମିତ ନାହିଁ ।୨୦୨୭ ଏପ୍ରିଲରୁ ଲାଗୁ ହେବାକୁ ଥିବା 'କର୍ପୋରେଟ ଆଭରେଜ୍ ଫୁଏଲ୍ ଏଫିସିଏନ୍ସି' ବା କ୍ୟାଫେ- ୩ ମାନଦଣ୍ଡର କୁ-ପ୍ରଭାବ ଇଲେକ୍ଟ୍ରିକ ଯାନ ଏବଂ ଫ୍ଲେକ୍ସ-ଫୁଏଲ୍ ଗାଡ଼ିଗୁଡ଼ିକ ଉପରେ ପଡ଼ିବ ନାହିଁ । ଏହାର ଅର୍ଥ ସରକାର ଭବିଷ୍ୟତରେ ପରିବେଶ ଅନୁକୂଳ ଗାଡ଼ି ଚଳାଚଳକୁ ପ୍ରୋତ୍ସାହନ ଦେବା ଜାରି ରଖିବେ । କ୍ୟାଫେ-୩ ମାନଦଣ୍ଡକୁ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଣାଯାଇଛି।

### କୋଣାର୍କ ମନ୍ଦିର ଗର୍ଭଗୃହକୁ ଟନେଲ୍ ନିର୍ମାଣ ଆରମ୍ଭ

# ବୈଷୟିକ ଟିମ୍ ଅନୁଧ୍ୟାନ ପରେ ବାଲିକଢ଼ା



କୋଣାର୍କ (ହର୍ଷିକା) : ସୂର୍ଯ୍ୟମନ୍ଦିର ଗର୍ଭଗୃହକୁ ଟନେଲ୍ ନିର୍ମାଣ ପାଇଁ ଆଜିଠୁ କାମ ଆରମ୍ଭ ହୋଇଛି । ଗର୍ଭଗୃହର ବାଲି ଏହି ବାଟ ଦେଇ ବାହାରିବ । ବାଲିକଢ଼ା ପାଇଁ ଅନ୍ୟ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ । ମନିଟରିଂ ଟିମ୍ ଅନୁଧ୍ୟାନ କରୁଛି । ଆସନ୍ତା ମେ ପ୍ରଥମ ସପ୍ତାହରେ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ଅନୁଧ୍ୟାନ କରିବା ପରେ ଟନେଲ୍ ବାଟ ଦେଇ ବାଲି କଢ଼ାଯିବ ବୋଲି ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ ସୂଚନା ଦେଇଛନ୍ତି । ସୂର୍ଯ୍ୟମନ୍ଦିର ସଂରକ୍ଷଣ ନିମନ୍ତେ ବାଲି କଢ଼ା ପ୍ରକ୍ରିୟା ୪ ମାସ ବନ୍ଦ ଥିଲା । ଗତ ଡିସେମ୍ବର ୯ରେ ଏଏସ୍ଆଇ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଦିଲ୍ଲୀପ କୁମାର ଖମାରୀ, ପ୍ରତ୍ନତତ୍ତ୍ୱ ବିଭାଗ କୋର୍ କମିଟି ସଦସ୍ୟ, ଆଇଆଇଟି ମାଡ୍ରାସର ପ୍ରଫେସର ଅରୁଣ ମେନନ, ବିଶେଷଜ୍ଞ ଦଳ ଗର୍ଭଗୃହରୁ ବାଲି କଢ଼ା ପ୍ରକ୍ରିୟା ଓ ସୂର୍ଯ୍ୟମନ୍ଦିର ସଂରକ୍ଷଣ ନେଇ ଅନୁଧ୍ୟାନ କରିଥିଲେ । ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ସୂର୍ଯ୍ୟମନ୍ଦିର ପଶ୍ଚିମ ଦିଗ ପ୍ରଥମ ପିଢ଼ରେ ଗର୍ଭଗୃହକୁ ଟନେଲ ନିର୍ମାଣ କାର୍ଯ୍ୟ ପୂର୍ବରୁ ମନ୍ଦିର କାନ୍ଥ ପଥରର ସ୍ଥିତି ଯାଞ୍ଚ ସହ ଗର୍ଭଗୃହ କାନ୍ଥର ଚଉଡ଼ା ମାପିବା ପାଇଁ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଡ୍ରିଲ୍ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରାୟ ୯ ମିଟର ପର୍ଯ୍ୟନ୍ତ ୬ ମିଟର ଚଉଡ଼ାରେ ଓ ପୂର୍ବରୁ ହୋଇଥିବା ଛିଦ୍ରଠାରୁ ୧.୨ ମିଟର ବ୍ୟବଧାନରେ ୬ ଇଞ୍ଚ ଗୋଲେଇର ୮ ମିଟର କୋର୍ ଡ୍ରିଲ ହୋଇଛି । ଜିରୋ ଭାଇବ୍ରେଟର ଓ ଡାଇମଣ୍ଡ କଟରରେ ଖନନ ହୋଇଥିଲା । ପରେ ଗର୍ଭଗୃହର ବାଲି ଓ ପଥର ଗୁଣ୍ଡକୁ ଯାଞ୍ଚ ପାଇଁ ଆଇଆଇଟି ମାଡ୍ରାସ ପଠାଯାଇଥିଲା । ତେବେ ସେହି ରିପୋର୍ଟ ସାର୍ବଜନୀନ ହୋଇନାହିଁ ।





ଥରେ Cambridge University ର ଜଣେ ଛାତ୍ର ପାଗଳମାନଙ୍କ ଉପରେ ରିସର୍ଚ୍ଚ କରିବା ପାଇଁ ଆସିଲେ। ସେ ଗୋଟେ ପାଗଳ ହସ୍ପିଟାଲକୁ ଗଲେ। ପାଗଳଖାନାର ଡକ୍ଟର ତାଙ୍କୁ ସବୁ ୱାର୍ଡ ବୁଲାଇ ଦେଖାଉଥିଲେ। ଗୋଟେ ୱାର୍ଡ ଆଗର ଠିଆ ହୋଇ ଡକ୍ଟର କହିଲେ ଏ ପାଳଗର ନାଁ ହଉଛି 'ହିମୁ' ଆଉ ସେ 'ମୋନା' ବୋଲି ଗୋଟେ ଝିଅକୁ ଭଲ ପାଉଥିଲା। କିନ୍ତୁ ମୋନା ହିମୁକୁ ଧୋକାଦେଇ ଅନ୍ୟ ଜଣକୁ ବାହା ହୋଇଗଲା। ତେଣୁ ସେ ଦୁଃଖରେ ହିମୁ ପାଗଳ ହୋଇଗଲା।

ରିସର୍ଚ୍ଚର ତା'ପର ୱାର୍ଡକୁ ଗଲେ। ସେଠାରେ ଗୋଟେ ବୋର୍ଡରେ ଲେଖା ହୋଇଥିଲା ଯେ "ଏ ପାଗଳକୁ ସାବଧାନ୍, ତାକୁ ବିରକ୍ତ କରାନ୍ତୁ ନାହିଁ ନଚେତ୍ ଏହାର ଫଳାଫଳ ଭୟଙ୍କର ହୋଇପାରେ।" ଡକ୍ଟର ସେ ପାଗଳକୁ ଅନେଇ କହିଲେ ଯେ ଏହାର ନା ହେଉଛି 'ପଶା', ଯେ ହେଉଛି ଏ ପାଗଳ ଖାନାର ସବୁଠାରୁ ଭୟଙ୍କର ପାଗଳ। ଏହି ହେଉଛି ସେଇ 'ପଶା' ଯିଏ କି ହିମୁର ପ୍ରେମିକା 'ମୋନା'କୁ ବାହା ହୋଇଥିଲା।

ସଂଗୃହୀତ : ଜ୍ୟୋତିରଞ୍ଜନ ମହାନ୍ତି

# ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଦିବସ ପାଳିତ



ଭୁବନେଶ୍ୱର (ହର୍ଷିକା) : ପ୍ରାଣୀଚିକିତ୍ସକମାନେ କଥା କହିପାରୁନଥିବା ପ୍ରାଣୀମାନଙ୍କର ଚିକିତ୍ସା କରନ୍ତି। ପ୍ରକୃତରେ ସେମାନେ ମହାନ। ଜୀବଜନ୍ତୁମାନଙ୍କ ପାଇଁ ସାକ୍ଷାତ ଭଗବାନ ହେଲେ ଆମପ୍ରାଣୀ ଚିକିତ୍ସକ । ଓଡ଼ିଶାରେ କୃଷକଙ୍କ ଆୟ ବୃଦ୍ଧି ପାଇଁ କେବଳ ପାରମ୍ପରିକ ଚାଷ ପର୍ଯ୍ୟାପ୍ତ ନୁହେଁ। ମାଛଚାଷ, ଗୋପାଳନ, କୁକୁଡ଼ା ପାଳନ, ଛେଳି-ମେଣ୍ଢା ପାଳନ ପରି ଆନୁଷଙ୍ଗିକ କୃଷିକୁ ଆଗେଇ ନେବା ଆବଶ୍ୟକ। ଆମର ଲକ୍ଷ୍ୟ କେବଳ ଚାଷୀଙ୍କ ଆୟ ଦୁଇଗୁଣ କରିବା ନୁହେଁ, ବହୁଗୁଣିତ କରିବା । ବିଶ୍ୱ ପ୍ରାଣୀଚିକିତ୍ସା ଦିବସ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।ପ୍ରାଣୀସମ୍ପଦ, ପ୍ରାଣୀସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ପ୍ରାଣୀସ୍ୱାସ୍ଥ୍ୟ ସେବାକୁ ସୁଦୃଢ କରିବା ପାଇଁ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ ଟି ପ୍ରାଣୀଚିକିତ୍ସାଳୟର ନୂତନ ଗୃହ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି। ଏହାସହିତ ୧୭୭ କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣୀଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ ନିର୍ମାଣ ପାଇଁ ୬ଟି ଚୁକ୍ତି ସହ ଗଛୁଟ ମଧ ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ପତ୍ରରେ କଟକର ଫୁଲନଖରାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ। ସେହିପରି ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି ଅବସରରେ ଓପୋଲଫେଡ୍‌ର ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' ଚିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆ ଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଉଦଘାଟିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରାଣୀ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟକୁ ସମନ୍ୱୟ କରି ଗୋଟିଏ ସ୍ୱାସ୍ଥ୍ୟଆଭିମୁଖ୍ୟକୁ ଆହୁରି ସୁଦୃଢ କରିବା ଆବଶ୍ୟକ। ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଅନୁସାରେ ରାଜ୍ୟକୁ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ଆତ୍ମନିର୍ଭର କରାଯିବ। ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ପଞ୍ଚମ ସ୍ଥାନକୁ ନେବା ଲକ୍ଷ୍ୟ ରଖାଯାଇଛି। ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ହାତପାହାନ୍ତାରେ ପହଞ୍ଚାଇବା ପାଇଁ ଆମ ସରକାର ୨୦୦୦ ପ୍ରଶିକ୍ଷିତ 'ଏକ ସାହାଯ୍ୟ' (ଗୋଷ୍ଠୀ ପ୍ରାଣିସ୍ୱାସ୍ଥ୍ୟ କର୍ମୀ) ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କର୍ମୀମାନେ ଗ୍ରାମାଞ୍ଚଳରେ ଟୀକାକରଣ କ୍ଷେତ୍ରରେ ଚାଷୀମାନଙ୍କୁ ସହାୟତା କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସଫଳ ପ୍ରାଣିଚିକିତ୍ସକ, ପ୍ରାଣିପାଳକ ଓ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ ଓ ଓଡ଼ିଶାକୁ ବିକଶିତ ରାଜ୍ୟ ଗଠନରେ ସମୁହିକ ଭାଗିଦାରି ପାଇଁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟର ସୁରକ୍ଷାରେ ପ୍ରାଣିଚିକିତ୍ସକଙ୍କର ପ୍ରମୁଖ ଭୂମିକା ରହିଛି । ପ୍ରାଣୀଙ୍କଠାରୁ ବ୍ୟାପୁଥିବା ରୋଗକୁ ପ୍ରତିହତ କରିବା ସହ ସମାଜର ପ୍ରଥମ ପ୍ରତିରକ୍ଷା ବଳୟଭାବେ ପ୍ରାଣିଚିକିତ୍ସକମାନେ ସେବା ପ୍ରଦାନ କରିଥାନ୍ତି ।

# ନବଉତ୍କଳର ନିର୍ମାତା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ହର୍ଷିକା) : ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅପୂର୍ବ ନେତୃତ୍ୱ ପ୍ରଦାନ କରିଥିବା ନବଉତ୍କଳର ନିର୍ମାତା ପାରଳାଖେମୁଣ୍ଡି ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓଡ଼ିଆ ଜାତିର ସ୍ୱାଭିମାନ ଓ ଅସ୍ମିତାର ଏକ ଅବିସ୍ମରଣୀୟ ପ୍ରତୀକ ଭାବେ ସଦା ସ୍ମରଣୀୟ। ତାଙ୍କର ଦୂରଦୃଷ୍ଟି, ପ୍ରଜାନୁରଞ୍ଜନ ଶାସନ ଓ ରାଜ୍ୟ ଗଠନରେ ଅବଦାନ ଓଡ଼ିଶାର ଇତିହାସକୁ ଏକ ଦୃଢ଼ ଭିତ୍ତି ପ୍ରଦାନ କରିଛି ବୋଲି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମତ ଦେଇଛନ୍ତି । ରବିବାର, ପୂର୍ବାହ୍ଣ ୮ଟା ସମୟରେ ଭୁବନେଶ୍ୱରସ୍ଥିତ ପରିବହନ ଭବନ ସମ୍ମୁଖ ଏଜି ଛକରେ ଅବସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପାରଳା ଗଜପତି ବିକାଶ ମଞ୍ଚର କର୍ମକର୍ତ୍ତାମାନେ, ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ ଯୋଗଦେଇ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଚସ୍ପତି, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ଅର୍ଥ ପରାମର୍ଶଦାତା ତଥା ଉପ ଶାସନ ସଚିବ ପୃଥ୍ୱୀରାଜ ପାଣି, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ପ୍ରମୋଦିନୀ ଟେଟେ, ସୁଜିତ ରଞ୍ଜନ ସ୍ୱାଇଁ ଓ ଏମ୍. ଅଭିଶେକ୍ ସହିତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ, ସଂସ୍କୃତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**ବନ୍ଦହେବ :** ରାଜ୍ୟରେ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନାଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଓ ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଣିକି ପ୍ରାଶାସନିକ ଦକ୍ଷତା ବଢ଼ାଇବା ଏବଂ ସମ୍ବଳର ସଠିକ୍ ବିନିଯୋଗ ପାଇଁ ଅଦରକାରୀ ବା କମ୍ ପ୍ରଭାବୀ ଯୋଜନାଗୁଡ଼ିକୁ ବନ୍ଦ କରାଯାଇପାରେ କିମ୍ବା ଅନ୍ୟ ବଡ଼ ଯୋଜନା ସହ ମିଶ୍ରଣ କରାଯାଇପାରେ। ଗତ ୩-୪ ବର୍ଷ ହେବ ବଜେଟ୍‌ରେ ଅର୍ଥବରାଦ ହେଉନଥିବା କିମ୍ବା ସାମାନ୍ୟ ଆର୍ଥିକ ଅନୁଦାନ ପାଉଥିବା ଯୋଜନାକୁ ବନ୍ଦ କରିବା ପାଇଁ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି। ସମସ୍ତ ବିଭାଗ ଆଣିଥିବା ଯୋଜନାକୁ ଲୋକଙ୍କ ଉପରେ ପଡୁଥିବା ପ୍ରଭାବ ଆଧାରରେ 'ଉଚ୍ଚ', 'ମଧ୍ୟମ' ଓ 'ନିମ୍ନ' ପ୍ରାଥମିକତା ଶ୍ରେଣୀରେ ବିଭକ୍ତ କରିବେ। ଯାହାକୁ ସବୁଜ, ହଳଦିଆ ଓ ଲାଲ ରଙ୍ଗର ବର୍ଗୀକରଣ କରାଯିବ। ସବୁଜ ବର୍ଗର ଯୋଜନାକୁ ଅଧିକ ପ୍ରାଥମିକତା ଦିଆଯିବ, ହଳଦିଆକୁ ଦ୍ୱିତୀୟ ପ୍ରାଥମିକତା ଓ ଲାଲ୍ ବର୍ଗକୁ ସର୍ବନିମ୍ନ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମାନ ଭାବେ ଏକାଧିକ ଯୋଜନାକୁ ଗୋଟିଏ ଛାତ ତଳକୁ ଅଣାଯିବ। ଆୟୁଷ୍ମାନ ଭାରତ, ମଧ୍ୟାହ୍ନ ଭୋଜନ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ଭଳି କେନ୍ଦ୍ରୀୟ ଯୋଜନାରେ ପ୍ରଥମେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବ। ଏହି ଯୋଜନା ପାଇଁ ଆର୍ଥିକ ଅଭାବ ଦେଖାଦେଲେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସହାୟତା ଯୋଗାଇବେ। ଆଗାମୀ ୧୫ ଦିନ ମଧ୍ୟରେ ଚୂଡାନ୍ତ ରୂପରେଖ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ରହିଛି। ତେବେ ଏହି ନିଷ୍ପତ୍ତିକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି। ଭିଜନ ୨୦୩୬କୁ ଲକ୍ଷ୍ୟ କରି ସରକାର ଢାଞ୍ଚାଗତ ପରିବର୍ତ୍ତନ ପାଇଁ ପ୍ରୟାସ କରିଛନ୍ତି। କିନ୍ତୁ ବାସ୍ତବରେ ଏହା କେତେ କାର୍ଯ୍ୟକାରୀ ହେବ ତା ଉପରେ ନଜର।

**ଆପ୍‌କୁ :** ମୋଦିଙ୍କ ଭଳି ଜଣେ ବ୍ୟକ୍ତି ଦେଶର ପ୍ରଧାନମନ୍ତ୍ରୀ ହେବା ଗର୍ବର ବିଷୟ ବୋଲି ରାଘବ କହିଛନ୍ତି। ତାଙ୍କ କହିବା କଥା ଆପର ଦୁଇ ତୃତୀୟାଂଶ ସାଂସଦ ଶାସକ ଦଳ ବା ବିଜେପିରେ ମିଶିବେ। ଏନେଇ ସେ ୭ ସାଂସଦଙ୍କ ଦସ୍ତଖତ ଥିବା ଗୋଟିଏ ଦସ୍ତାବିଜ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଦେଇଥିବା ମଧ ଦାବି କରିଥିଲେ। ରାଘବ କହିଛନ୍ତି, "ଆମେ ନିଷ୍ପତ୍ତି ନେଇଛୁ ଯେ ରାଜ୍ୟସଭାରେ ଥିବା ଆପ୍ ର ୨/୩ ସଦସ୍ୟ ଭାରତୀୟ ସମ୍ବିଧାନରେ ଥିବା ବ୍ୟବସ୍ଥାକୁ ବ୍ୟବହାର କରିବୁ। ଏହାପରେ ନିଜ ଆଡୁ ବିଜେପି ସହ ମିଶି ଯିବୁ। ମୋ ଜୀବନର ୧୫ ବର୍ଷ ମୁଁ ଆପ୍ କୁ ଦେଇଛି। ଏବେ ଦଳ ସ୍ୱଚ୍ଛ ରାଜନୀତିରୁ ଓହରି ଯାଇଛି। ମୁଁ ଜଣେ ଠିକ ଲୋକ ଯିଏ ଭୁଲ ପାର୍ଟିରେ ରହିଛି। ମୁଁ ଏବେ ଦଳ ଠାରୁ ଓହରି ଯାଇଛି।" ଏହି ଘୋଷଣା ପରେ ସେ ବିଜେପି ମୁଖ୍ୟାଳୟରେ ପହଞ୍ଚି ଦୁଇ ସହଯୋଗୀଙ୍କ ସହ ପଦ୍ମ ଧରିଛନ୍ତି।

**ଜଳୁଛି ଜଙ୍ଗଲ :** କନ୍ଧମାଳ ଜିଲ୍ଲାରେ ଚଳିତ ବର୍ଷ ଜଙ୍ଗଲରେ ନିଆଁ ଲାଗିବା ଦୃଶ୍ୟ କମ ଦେଖିବାକୁ ମିଳିଛି। ଏହାର କାରଣ ହେଉଛି କିଛି ଦିନ ବ୍ୟବଧାନରେ ବର୍ଷା ହେବା। କିନ୍ତୁ ଗତ ଦୁଇ ଦିନ ହେଲା ପୁଣି ବଣରେ ନିଆଁ ଲାଗିବା ଦୃଶ୍ୟ ଦେଖୁବାକୁ ମିଳିଛି। ସ୍ଥାନୀୟ ବନାଞ୍ଚଳ ଅଧୀନରେ ଥିବା ପାବୁରିଆ ବିଟ ରେ ।ପାବୁରିଆ ଠାରୁ ସାରଙ୍ଗଡ଼ ଯିବା ରାସ୍ତାରେ ପାବୁରିଆ ଠାରୁ ମାତ୍ର ୩କିମି ପରେ ବିସ୍ତୀର୍ଣ୍ଣ ଜଙ୍ଗଲ ଜଳୁଥିବା ଦୃଶ୍ୟ ଦେଖିବାକୁ ମିଳିଛି ।ମାଇଲ ମାଇଲ ଦୂର ଜଙ୍ଗଲ ଜଳି ପୋଡି ପାଉଁଶ ହେବା ସହ ଜଙ୍ଗଲରେ ଆତଯାତ କରୁଥିବା ବନ୍ୟଜନ୍ତୁଙ୍କ ଜୀବନ ବିପଦ ରେ ପଡିଯାଇଛି। କିଛି ଅସାଧୁ ଲୋକ ଜାଣି ଶୁଣି ରାସ୍ତାକଡରେ ଥିବା ସବୁଜ ସୁନ୍ଦର ଜଙ୍ଗଲକୁ ନିଆଁ ଲଗେଇ ନଷ୍ଟ କରୁଛନ୍ତି। ଆଉ କିଛି ଲୋକ କାଠ, ଅଙ୍ଗାର ସହ ବନ୍ୟଜନ୍ତୁ ଶିକାର କରିବା ପାଇଁ ଜଙ୍ଗଲରେ ନିଆଁ ଲଗେଇ ଜଙ୍ଗଲକୁ ଚରଖାର କରିବାରେ ଲାଗିଛନ୍ତି। ଏହିଭଳି ଲୋକଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ତାଳଚେର ବିଶ୍ୱର ଦ୍ୱିତୀୟ ଉତ୍ତପ୍ତ ସହର

■ **ତାଳଚେର (ହର୍ଷିକା) :** ଭାରତରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ। ହିଟ ୱେଭର ପେଣ୍ଡସ୍ଥଳ ପାଲଟିଛି ଭାରତ। ବିଶ୍ୱର ୨୦ ଉତ୍ତପ୍ତ ସହର ମଧ୍ୟରେ ରହିଛି ଭାରତର ୧୯ଟି ସ୍ଥାନ। AQI.in ପକ୍ଷରୁ ଜାରି ତଥ୍ୟ ଅନୁସାରେ, ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତର ଅଧିକାଂଶ ସ୍ଥାନରେ ପ୍ରଚଣ୍ଡ ଖରା ଅନୁଭୂତ ହେଉଛି। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ହିଟ ୱେଭ ସ୍ଥିତି ଆଗାମୀ ୪ ଦିନ ପାଇଁ ଜାରି ରହିବ ବୋଲି ଏହି ସଂସ୍ଥା ଆକଳନ କରିଛି। ଲୋକଙ୍କୁ ଆସନ୍ତା ଏପ୍ରିଲ ୨୫ ଯାଏ ତାତିରୁ କୌଣସି ପ୍ରକାରର ନିସ୍ତାର ମିଳିବାର ସମ୍ଭାବନା ନାହିଁ। ସର୍ବାଧିକ ତାପମାତ୍ରା ଯେତେବେଳେ ୪୦ ଡିଗ୍ରୀ ଅତିକ୍ରମ କରିବ ସେତେବେଳେ ହିଟ ୱେଭ ସ୍ଥିତି ଘୋଷଣା କରାଯାଏ। ବିଶ୍ୱର ସବୁଠାରୁ ଉତ୍ତପ୍ତ ସହର ତାଲିକାରେ ବିହାର, ଓଡ଼ିଶା, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶର ଅନେକ ସ୍ଥାନ ରହିଛି। ଏହି ସବୁ ରାଜ୍ୟରେ ତାପମାତ୍ରା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ବିହାରର ଭାଗଲପୁର, ଓଡ଼ିଶାର ତାଳଚେର ଓ ପଶ୍ଚିମବଙ୍ଗର ଆସନସୋଲ ଆଜି ବିଶ୍ୱର ଟପ୍ ୩ ଉତ୍ତପ୍ତ ସହର ବନିଛନ୍ତି। ଏହି ୩ ସହରରେ ତାମପାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ତାଲିକାର ୧ନଂରେ ଭାଗଲପୁର, ଦୁଇ ନମ୍ବରରେ ତାଳଚେର ଓ ୩ନଂରେ ଆସନସୋଲ ରହିଛି।




## ରାଉରକେଲାରେ ରାଷ୍ଟ୍ରପତିଙ୍କ ଏକାଧିକ ପ୍ରକଳ୍ପ ଭେଟି

# ଓଡ଼ିଶା ଲେଖୁଛି ବିକାଶର କଥା : ରାଷ୍ଟ୍ରପତି



- ରାଉରକେଲା କ୍ରୀଡ଼ା ଭିତ୍ତିଭୂମିକୁ ରାଷ୍ଟ୍ରପତିଙ୍କ ପ୍ରଶଂସା
- ରାଉରକେଲା ସ୍ୱପ୍ନ, ଶୃଙ୍ଖଳା, ବିବିଧତାରେ ପରିପୂର୍ଣ୍ଣ ସହର : ମୁଖ୍ୟମନ୍ତ୍ରୀ
- ଆରଏସ୍‌ପି ସଂପ୍ରସାରଣ ଖୁବ୍‌ଶୀଘ୍ର : ମୁଖ୍ୟମନ୍ତ୍ରୀ
- ବିଶ୍ୱରେ ଓଡ଼ିଶାର ନାମକୁ ଆହୁରି ଉଚ୍ଚ କରନ୍ତୁ :ରାଷ୍ଟ୍ରପତି

■ **ରାଉରକେଲା (ହର୍ଷିକା) :** ଓଡ଼ିଶା ଆଜି ବିକାଶର କଥା ଲେଖୁଛି। ଆମ ସରକାର ହେଉଛି ଲୋକଙ୍କ ସରକାର। ଆପଣଙ୍କର ସରକାର ଓ କଥା ଦେଇ କଥା ରଖିବା ସରକାର। ଆଉ ବିକାଶ ହୁଏ କୃଷକଙ୍କ ସମୃଦ୍ଧିରେ, ମହିଳା ସଶକ୍ତୀକରଣରେ, ଯୁବ ବର୍ଗଙ୍କ ନିଯୁକ୍ତିରେ ଓ ଅନ୍ତୋଦୟର ଉତ୍ଥାନରେ। ଆମ ସରକାର ସମୃଦ୍ଧ କୃଷକ ଯୋଜନା, ସୁଭଦ୍ରା ଯୋଜନା, ଶିଳ୍ପାୟନ ଓ ଗରିବ କଲ୍ୟାଣକାରି ଯୋଜନା ଗୁଡିକ ଦ୍ୱାରା ରାଜ୍ୟରେ ବିକାଶକୁ ତ୍ୱରାନ୍ୱିତ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲାରେ ଜନସାଧାରଣଙ୍କୁ ସମ୍ବୋଧିତ କରି ଏହା କହିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଉରକେଲା ଗସ୍ତ ଅବସରରେ ଆୟୋଜିତ 'ଆଦି ପରବ-୨୦୨୬' ତଥା ବିଭିନ୍ନ ଜନହିତକର ପ୍ରକଳ୍ପର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା-୨୦୨୫ ମାଧ୍ୟମରେ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ, ସଂକଳ୍ପ ଓ ନିର୍ଦ୍ଦେଶରେ ଶିଳ୍ପାୟନ କାର୍ଯ୍ୟକ୍ରମ ଜାରିରଖିଛୁ। ସୌଭାଗ୍ୟର କଥା ଓଡ଼ିଶାରେ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଆସିଛି। ଗତ ଜାନୁଆରି ମାସରେ ରାଉରକେଲାରେ ଅନୁଷ୍ଠିତ ଏଣ୍ଟରପ୍ରାଇଜ୍ ଓଡିଶା-୨୦୨୬ ଅବସରରେ ପ୍ରାୟ ୨୦ଟି ଏମ୍.ଓ.ୟୁ, ୫ଟି ଇନଭେଷ୍ଟମେଣ୍ଟ ପ୍ରପୋଜାଲ୍, ୫୨,୦୨୬ କୋଟି ଟଙ୍କାର ନିବେଶ ସହିତ ୨୦,୪୨୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେଇଛି। ଏହି ଅବସରରେ ମଧ୍ୟ ୮,୮୦୦ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର କରାଯାଇଥିଲା। ଆଗାମୀ ଦିନରେ ଏହି ଶିଳ୍ପ ସହର ରାଉରକେଲା ଦେଶର ଶିଳ୍ପ ହବ୍ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ବିକାଶ କେବଳ ଭିତ୍ତିଭୂମି ନୁହେଁ। ପ୍ରକୃତ ବିକାଶ ହେଉଛି ସମାଜର ପ୍ରତ୍ୟେକ ବର୍ଗ ଲୋକଙ୍କ ସଶକ୍ତୀକରଣ। ପ୍ରଧାନମନ୍ତ୍ରୀ ମୋଦୀ ଦେଶର ଶାସନ ଭାର ସମ୍ଭାଳିବା ପରେ ସମାଜର ସବୁ ବର୍ଗ ବିଶେଷ ଭାବେ ଆଦିବାସୀ, ଦଳିତ ଏବଂ ମହିଳାଙ୍କ ସଶକ୍ତିକରଣ ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଆଜି ଆମ ସମ୍ମୁଖରେ ମହିଳା ଓ ଜନଜାତି ସଶକ୍ତିକରଣର ସବୁଠାରୁ ବଡ ଉଦାହରଣ ଉପସ୍ଥିତ ଅଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହା ବ୍ୟତୀତ ଜନଜାତିଙ୍କ ଆଉ ଜଣେ ବିଶିଷ୍ଟ ଜନନେତା ଜୁଏଲ ଓରାମ ମହୋଦୟସାରା ଓଡିଶାର ଜନଜାତି ସଶକ୍ତିକରଣର ପ୍ରତୀକ। ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ନେତୃମଣ୍ଡଳ ଓଡ଼ିଶାରେ ଆଉଜଣେ ଜନଜାତି ସମ୍ପ୍ରଦାୟର ଜନ ପ୍ରତିନିଧିଙ୍କୁ ରାଜ୍ୟର ମୁଖ୍ୟସେବକ ଭାବେ ସେବା କରିବାର ଦାୟିତ୍ୱ ଦେଇଛନ୍ତି। ରାଉରକେଲା କେବଳ ଏକ ଶିଳ୍ପ ସମୃଦ୍ଧ ସହର ନୁହେଁ। ଏହା ସ୍ୱପ୍ନ, ଶୃଙ୍ଖଳା, ବିବିଧତା ଏବଂ ବୈଭବରେ ପରିପୂର୍ଣ୍ଣ ସହର। ରାଉରକେଲା ଝଡ଼ଶ୍ୱରରକ୍ଷ ଚକ୍ଷବଭଶ୍ବ ସାରା ଦେଶରେ ସୁନାମ ଅର୍ଜନ କରିଛି। ଏହି ସହର ରାଷ୍ଟ୍ର ନିର୍ମାଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି, ସୁଯୋଗ ଏବଂ ପରିଚୟ ଦେଇଛି। ଏହା ସହିତ, ରାଉରକେଲା ତାର ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଆଦିବାସୀ ସଂସ୍କୃତି ଏବଂ ବିଶେଷକରି ହକି ପାଇଁ ସ୍ୱତନ୍ତ୍ରତା ଅର୍ଜନ କରିଛି। ସାଇନ୍ସ ପାର୍କ ଏବଂ ପ୍ଲାନେଟୋରିୟମ୍ ଛାତ୍ରଛାତ୍ରୀ ଏବଂ ଯୁବ ପିଢିଙ୍କୁ ଆମ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉତ୍ତମ ନିଦର୍ଶନ ଦେଖାଇବ। ଏହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବର ବିକାଶ କରିବା ସହ ଶିକ୍ଷା ଓ କୌତୁହଳର କେନ୍ଦ୍ର ପାଲଟିବ। ମୁଁ ଅତ୍ୟନ୍ତ ଆନନ୍ଦର ସହିତ କହିବାକୁ ଯାଉଛି, ଆଗାମୀ ଦିନରେ ରାଉରକେଲା ଏୟାରପୋର୍ଟର ବିସ୍ତାର କାର୍ଯ୍ୟ ଖୁବଶୀଘ୍ର ଶେଷ ହେବ। ଆହୁରି ମଧ୍ୟ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଖୁବ୍ ଶୀଘ୍ର ସଂପ୍ରସାରିତ ହେବାକୁ ଯାଉଛି। ଏଥିପାଇଁ ଆମ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି।

ପ୍ରଧାନମନ୍ତ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି ଯେ, 'ଚିପ୍ ସେ ଲେକେ ସିପ୍ ତକ୍, ସଭି ମେଁ ଆତ୍ମ ନିର୍ଭର ବନ୍‌ନା ହେ'। ଆନନ୍ଦର କଥା, ସେହି ଚିପ୍ ତିଆରିରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କର ବିଶେଷ ଅବଦାନ ରହିଛି। ବ୍ରହ୍ମପୁରର ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ୍ ଏବଂ ସହରର ଏନ୍‌ଆଇଟି, ରାଉରକେଲାର ଛାତ୍ରଛାତ୍ରୀମାନେ ତିନୋଟି ସେମିକଣ୍ଡକ୍ଟର ଚିପ୍ ତିଆରି କରିଛନ୍ତି। ଏହି ଚିପ୍‌କୁ ସେମିକନ୍ ଇଣ୍ଡିଆ- ୨୦୨୫ ଯଶଭୂମି, ନୂଆଦିଲ୍ଲୀ ଠାରେ କେନ୍ଦ୍ର ଆଇ.ଟି ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ମୁଁ ସେହି ଛାତ୍ରଛାତ୍ରୀମାନଙ୍କୁ ଅନେକ ଅନେକ ଧନ୍ୟବାଦ ଦେଉଛି। ନିଜର ଗବେଷଣାକୁ ଏହିଭଳି ଭାବେ ଜାରି ରଖନ୍ତୁ, ଦେଶରେ ଓ ବିଶ୍ୱରେ ରାଜ୍ୟର ନାମକୁ ଆହୁରି ଉଚ୍ଚକୁ ନିଅନ୍ତୁ। ଆପଣଙ୍କୁ ସବୁ ପ୍ରକାରର ସୁବିଧା ଡବଲ ଇଞ୍ଜିନ ସରକାର ଯୋଗାଇଦେବେ।

# କାଠଯୋଡ଼ିରେ ନୂଆ ପୋଲ ନିର୍ମାଣ ହେବ

- ଆପାର୍ଟମେଂଟ ମାଲିକଙ୍କୁ ଷ୍ଟାମ୍ପ ଡ୍ୟୁଟିରେ ରିହାତି
- ପୋଲ ପାଇଁ ୧୨୪ କୋଟି ବ୍ୟୟବରାଦ
- ଓଡ଼ିଶା ସିଟି ଗ୍ୟାସ୍ ବିତରଣ ନୀତିକୁ ମଞ୍ଜୁରୀ
- ଡାଟା ଗଭର୍ଣ୍ଣାନ୍ସ ଫ୍ରେମ୍‌ୱାର୍କକୁ ସଂସ୍ଥାଗତ କରାଯିବ
- ଓଡ଼ିଶା ରାଜ୍ୟ ତଥ୍ୟ ନୀତି-୨କୁ ମଞ୍ଜୁରୀ



■ **ଭୁବନେଶ୍ୱର (ହର୍ଷିକା) :** ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଶିଳ୍ପ, ଭିତ୍ତିଭୂମି, ସ୍ୱାସ୍ଥ୍ୟ ଓ ପ୍ରଶାସନିକ ସଂସ୍କାରକୁ ନେଇ ୮ଟି ବିଭାଗର ମୋଟ ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ବୈଠକ ପରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେବା ସହ ଏହି ନିଷ୍ପତ୍ତି ରାଜ୍ୟର ଅର୍ଥନୀତି ଓ ସାମାଜିକ ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି କହିଛନ୍ତି ।

କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ, ଭୁବନେଶ୍ୱର ଓ କଟକ ଦ୍ୱୈତ ନଗରୀ ମଧ୍ୟରେ ଟ୍ରାଫିକ ସମସ୍ୟା ଓ ଯୋଗାଯୋଗକୁ ସହଜ କରିବା ପାଇଁ କାଠଯୋଡ଼ି ନଦୀ ଉପରେ ଆଉ ଏକ ନୂଆ ହାଇଲେଭଲ ବ୍ରିଜ୍ ନିର୍ମାଣ କରାଯିବ। ଏହି ବ୍ରିଜ୍ ତ୍ରିଶୁଳିଆରୁ ଜୁଡିସିଆଲ ଏକାଡେମୀ ଛକ ସହ ସଂଯୋଗ କରିବ । ଏବେ ଥିବା ସୁଭାଷ ଚନ୍ଦ୍ର ବୋଷ ସେତୁର ଉପର ପ୍ରବାହ ପାର୍ଶ୍ୱରେ ଏହି ବ୍ରିଜ୍ ନିର୍ମାଣ କରାଯିବ । ରାଜ୍ୟ ସରକାର ଭୁବନେଶ୍ୱର ବିମାନ ବନ୍ଦରରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାକୁ ୮ଲେନ୍ ବିଶିଷ୍ଟ କରିବା ପାଇଁ ଲକ୍ଷ୍ୟ ରଖିଥିବାରୁ ଓ ଦୁଇ ସହର ମଧ୍ୟରେ ଯାତାୟତ ପାଇଁ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ବ୍ରିଜ୍ ନିର୍ମାଣ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି ।ରାଜ୍ୟ କ୍ୟାବିନେଟ୍ ଆଜି ଏହି ବ୍ରିଜ୍ ପ୍ରକଳ୍ପ ପାଇଁ ମେସର୍ସ ଏସପିଏସ. କନ୍‌ଷ୍ଟ୍ରକ୍ସନ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସର୍ବନିମ୍ନ ଟେଣ୍ଡର ୧୫୮,୮୮,୯୦,୩୦୫ ଟଙ୍କାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ୩୬ମାସ ମଧ୍ୟରେ ଏହି ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ ହେବ ଓ ଏହାଫଳରେ ଏନଏଚ-୧୬ରେ ଟ୍ରାଫିକ ସମସ୍ୟା ଓ ଭିଡ଼ ହ୍ରାସ ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି । ସେହିପରି ସରକାରୀ ସେବା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ 'ଓଡ଼ିଶା ଲୋକସେବା ଅଧିକାର ନିୟମାବଳୀ-୨୦୧୨'ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ସଂଶୋଧନ ଦ୍ୱାରା ଏକ ଦ'ସ୍ୱୟଂଚାଳିତ ଅପିଲ୍ ବ୍ୟବସ୍ଥା' (ଅଟୋ ଅପିଲ୍ ସିଷ୍ଟମ) ପ୍ରଚଳନ କରାଯିବ । ଯଦି କୌଣସି ନାଗରିକଙ୍କୁ ଅନଲାଇନ୍ ମାଧ୍ୟମରେ ଆବେଦନ କରାଯାଇଥିବା ସେବା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମିଳେନାହିଁ, ତେବେ ସେହି ଆବେଦନଟି ସ୍ୱୟଂଚାଳିତ ଭାବେ ଉପରିସ୍ଥ ଅପିଲ୍ ବା ପୁନଃନିରୀକ୍ଷଣ କର୍ତ୍ତୃପକ୍ଷଙ୍କ ନିକଟରେ ପହଂଚିଯିବ । ପୂର୍ବରୁ ଏଭଳି କୌଣସି ସ୍ୱୟଂଚାଳିତ ବ୍ୟବସ୍ଥା ନଥିଲା, ଯେଉଁଥିପାଇଁ ଲୋକସେବା ଅଧିକାର ଆଇନରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ନାଗରିକ ନିଜର ସେବା ପାଇବାରେ ସକ୍ଷମ ହୋଇପାରୁନଥିଲେ ।


ରାଜ୍ୟ କ୍ୟାବିନେଟ୍ ଆଜି ରାଜ୍ୟରେ ସ୍ୱଚ୍ଛ ଓ ନିରନ୍ତର ଶକ୍ତିର ବ୍ୟବହାରକୁ ବ୍ୟାପକ କରିବା ପାଇଁ 'ଓଡ଼ିଶା ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ ନୀତି'କୁ ମଞ୍ଜୁରୀ ଦେଇଛନ୍ତି। ଏହି ନୀତି ଦ୍ୱାରା ରାଜ୍ୟର ସମସ୍ତ ସହରାଂଚଳରେ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ (ପିଏନଜି) ଓ ଗାଡ଼ି ପାଇଁ ସିଏନଜି ଭିତ୍ତିଭୂମିର ସମ୍ପ୍ରସାରଣ ତ୍ୱରାନ୍ୱିତ ହେବ । ବିଭିନ୍ନ ସଂସ୍ଥାଠାରୁ ଅନୁମତି ପାଇବାରେ ହେଉଥିବା ବିଳମ୍ବକୁ ଦୂର କରିବା ପାଇଁ ପ୍ରକ୍ରିୟାକୁ ସରଳୀକୃତ କରାଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏଥିପାଇଁ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ ଓ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁମୋଦନ ଶୁଳ୍କ ଉପରେ ଏକକାଳୀନ ରିହାତି ପ୍ରଦାନ କରାଯିବ । ସେହିପରି ଆପାର୍ଟମେଣ୍ଟ ମାଲିକମାନଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ ପାଇଁ ଭାରତୀୟ ଷ୍ଟାମ୍ପ ଅଧିନିୟମ-୧୮୯୯ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ନୂଆ ନିୟମ ଅନୁସାରେ ଆସୋସିଏସନ ଅଫ୍ ଆଲୋଟିଙ୍କୁ କମନ୍ ଏରିଆ ଓ ସୁବିଧା ସୁଯୋଗର ହସ୍ତାନ୍ତର ଦଲିଲ ପଞ୍ଜୀକରଣ ପାଇଁ ୫% ଷ୍ଟାମ୍ପ ଡ୍ୟୁଟି ପରିବର୍ତ୍ତେ ମାତ୍ର ୫୦,୦୦୦ ଟଙ୍କାର ନାମମାତ୍ର ଶୁଳ୍କ ଦେବାକୁ ପଡ଼ିବ। ଏହାସହିତ ଆପାର୍ଟମେଣ୍ଟର ମୋଟ୍ ମୂଲ୍ୟ ଅନୁସାରେ ପୂର୍ବରୁ ଥିବା ୩%, ୪% ଓ ୫% ର ଷ୍ଟାମ୍ପ ଡ୍ୟୁଟି ସ୍ଲାବ୍ ବଦଳରେ ଏବେ ସମସ୍ତଙ୍କ ପାଇଁ ସମାନ ୫% ଷ୍ଟାମ୍ପ ଡ୍ୟୁଟି ଧାର୍ଯ୍ୟ କରାଯାଇଛି । ଏହାଦ୍ୱାରା ପଞ୍ଜିକରଣ ପ୍ରକ୍ରିୟା ସରଳ ହେବା ସହ ସରକାରଙ୍କ ରାଜସ୍ୱ ମଧ୍ୟ ସୁରକ୍ଷିତ ରହିବ । ରାଜ୍ୟ କ୍ୟାବିନେଟ୍ 'ଓଡ଼ିଶା ରାଜ୍ୟ ଆଲାଇଡ୍ ଏଣ୍ଡ ହେଲଥକେୟାର କାଉନସିଲ୍ ନିୟମାବଳୀ-୨୦୨୬'କୁ ଅନୁମୋଦନ କରିଛନ୍ତି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟରତ ପାରାମେଡିକାଲ୍ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ବୃତ୍ତିଧାରୀଙ୍କ ଶିକ୍ଷା ଓ କାର୍ଯ୍ୟଧାରାକୁ ମାନକୀକରଣ କରିବା ପାଇଁ ଦ'ଓଡ଼ିଶା ରାଜ୍ୟ ଆଲାଇଡ୍ ଏଣ୍ଡ ହେଲଥକେୟାର କାଉନସିଲ୍ ନିୟମାବଳୀ-୨୦୨୬' ପ୍ରଣୟନ ହୋଇଛି । ଏହାଦ୍ୱାରା ୫୬ଟି ସ୍ୱୀକୃତିପ୍ରାପ୍ତ ଆଲାଇଡ୍ ଓ ସ୍ୱାସ୍ଥ୍ୟସେବା ବୃତ୍ତିକୁ ନିୟନ୍ତ୍ରଣ କରାଯିବ, ଯାହା ପୂର୍ବରୁ ଏନଏମସି ବା ଡିସିଆଇ ଅଧୀନରେ ନଥିଲେ । ଏହି ନିୟମ ଅନୁସାରେ ପଞ୍ଜିକୃତ ବୃତ୍ତିଧାରୀଙ୍କ ପାଇଁ ଏକ ଅନଲାଇନ୍ କେନ୍ଦ୍ରୀୟ ରେଜିଷ୍ଟର ପ୍ରସ୍ତୁତ ହେବ ଓ ନାମଲେଖା ପାଇଁ ସମାନ ପ୍ରବେଶିକା ପରୀକ୍ଷା (ୟୁଜି/ପିଜି) ତଥା ଲାଇସେନ୍ସ ପାଇଁ ଏକ ସମାନ ନିର୍ଗମନ (ଏକଜିଟ୍) ପରୀକ୍ଷାର ପ୍ରଚଳନ କରାଯିବ । ଏସବୁ ବ୍ୟତୀତ ଆଜି ରାଜ୍ୟ କ୍ୟାବିନେଟ୍ ବୈଠକରେ 'ଓଡ଼ିଶା ଟ୍ରାନ୍ସପୋର୍ଟ-ଟ୍ରାଫିକ ଏଣ୍ଡ ଏନଫୋର୍ସମେଣ୍ଟ ନିୟମାବଳୀ-୨୦୨୬'କୁ ମଧ୍ୟ ମଞ୍ଜୁରୀ ମିଳିଛି । ଏହା ରାଜ୍ୟରେ ପରିବହନ ବ୍ୟବସ୍ଥା ଓ ସଡ଼କ ସୁରକ୍ଷା ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ନୂତନ କ୍ୟାଡର ରୁଲ୍ ଅନୁସାରେ ଟ୍ରାଫିକ କନଷ୍ଟେବଳ ନିଯୁକ୍ତି ଏଣିକି ଓଡ଼ିଶା ସବଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ ବଦଳରେ ଓଡ଼ିଶା ୟୁନିଫର୍ମ ସର୍ଭିସେସ ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ଦ୍ୱାରା କରାଯିବ । ଏଥିସହିତ ଗୋଟିଏ ଯୁଗ୍ମ ପରିବହନ କମିଶନର, ୩ଟି ଉପପରିବହନ କମିଶନରଙ୍କ ସମେତ ଅନ୍ୟାନ୍ୟ ନୂତନ ପଦବୀ ସୃଷ୍ଟି କରାଯାଇଛି । ନିଯୁକ୍ତି ପାଇଁ ଶାରୀରିକ ଦକ୍ଷତା ପରୀକ୍ଷାରେ ପରିବର୍ତ୍ତନ କରାଯାଇ ସମୟସୀମାକୁ ସଂଶୋଧିତ କରାଯାଇଛି ।

ସେହିପରି ତଥ୍ୟ ପରିଚାଳିତ ପ୍ରଶାସନକୁ ସୁଦୃଢ଼ କରିବା ଓ ଡିଜିଟାଲ୍ ରୂପାନ୍ତରଣ ପାଇଁ ରାଜ୍ୟ କ୍ୟାବିନେଟ୍ 'ଓଡ଼ିଶା ରାଜ୍ୟ ତଥ୍ୟ ନୀତି ୨.୦'କୁ ମଞ୍ଜୁରୀ ଦେଇଛନ୍ତି । ସମଗ୍ର ଡାଟା ଜୀବନଚକ୍ରରେ ଏକ ସୁଦୃଢ଼ ଡାଟା ଗଭର୍ଣ୍ଣାନ୍ସ ଫ୍ରେମୱାର୍କ ସଂସ୍ଥାଗତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଏହି ନୀତି ଜାତୀୟ ସ୍ତରର ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା (ଡିପିଡିପି) ଅଧିନିୟମ ଓ ଆଇଟି ଅଧିନିୟମ ସହ ସାମଞ୍ଜସ୍ୟ ରକ୍ଷା କରି ପ୍ରସ୍ତୁତ ହୋଇଛି । ଏହାର କାର୍ଯ୍ୟକାରିତା ପାଇଁ ନୋଡାଲ ଏଜେନ୍ସି ଭାବେ ଓକାକ୍ କାର୍ଯ୍ୟ କରିବ, ଯାହା ସରକାରୀ ଯୋଜନାରେ ବ୍ୟବହୃତ ତଥ୍ୟର ସଠିକତା ଓ ସୁରକ୍ଷା ନିଶ୍ଚିତ କରିବ । ସେହିପରି ପଶ୍ଚିମ ଓଡ଼ିଶାର ଶିଳ୍ପ ପରିବେଶକୁ ସୁଦୃଢ଼ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ବଲାଙ୍ଗୀର ଜିଲ୍ଲାରେ ମେସର୍ସ ଶ୍ରୀ ଅମ୍ବିକା କଟସ୍ପିନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଏକ ଅତ୍ୟାଧୁନିକ ସୂତା ଉତ୍ପାଦନ (ସ୍ପିନିଂ) ୟୁନିଟ୍ ପ୍ରତିଷ୍ଠା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପରେ ମୋଟ ୧୨୪ କୋଟି ଟଙ୍କା ନିବେଶ କରାଯିବ ଓ ଏହା ବଲାଙ୍ଗୀର ତଥା ସମଗ୍ର କେବିକେ ଅଂଚଳରେ ଶିଳ୍ପ ଅଭିବୃଦ୍ଧିର ଏକ ମୂଳଦୁଆ ହେବ । ଓଡ଼ିଶାରେ କପା ଚାଷ ବୃଦ୍ଧି ପାଉଥିଲେ ମଧ୍ୟ ଏହାର ପ୍ରକ୍ରିୟାକରଣ ପାଇଁ ଉଚିତ୍ ଭିତ୍ତିଭୂମିର ଅଭାବ ଥିଲା, ଯାହାକୁ ଏହି ୨୭ ବର୍ଷର ଅଭିଜ୍ଞତା ସମ୍ପନ୍ନ କମ୍ପାନୀ ଦୂର କରିବ । ଏହି ୟୁନିଟ୍ ପ୍ରାୟ ୩୦୦ ଜଣଙ୍କ ପାଇଁ ସିଧାସଳଖ ନିଯୁକ୍ତି ସୃଷ୍ଟି କରିବା ସହ 'କୃଷି-ରୁ-ବୟନ' ଇକୋସିଷ୍ଟମକୁ ସୁଦୃଢ଼ କରିବ ବୋଲି ସରକାରଙ୍କ ପକ୍ଷରୁ ପ୍ରେସ୍ ରିଲିଜରେ ଦର୍ଶାଯାଇଛି ।

## • ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ

# ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ

**୧.୫୨ ଲକ୍ଷ ଟଙ୍କା ଜରିମାନା ଆଦାୟ**



■ **କଟକ (ହର୍ଷିକା) :** ସହରରେ ଟ୍ରାଫିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ଆଜି ଟାଉନ ଟ୍ରାଫିକ ଆଇ.ଆଇ.ସି ଅନିରୁଦ୍ଧ ନାୟକଙ୍କ ନେତୃତ୍ୱରେ ସି.ବି-୧ ଏବଂ ପୁରୁଣା କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳରେ ଏକ ବଡ଼ ଧରଣର ଏନଫୋର୍ସମେଣ୍ଟ ବା ଯାଞ୍ଚ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ସମୟରେ ବିଭିନ୍ନ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

**ଅଭିଯାନର ମୁଖ୍ୟ ବିବରଣୀ:**

**ନମ୍ବର ପ୍ଲେଟ୍ ଜାଲିଆତି:** ଗାଡ଼ିର ନମ୍ବର ପ୍ଲେଟରେ ବେଆଇନ ଭାବେ ପରିବର୍ତ୍ତନ ବା ଟାମ୍ପରିଂ କରିଥିବା ଅଭିଯୋଗରେ ୪ଯାନକୁ ଜବତ କରାଯାଇ କ୍ୟାଣ୍ଟନମେଣ୍ଟ ଥାନାକୁ ହସ୍ତାନ୍ତର କରାଯାଇଛି।

**ଶବ୍ଦ ପ୍ରଦୂଷଣ ବିରୋଧରେ କାର୍ଯ୍ୟାନୁଷ୍ଠାନ:** ମୋଡିଫାଏଡ୍ ସାଇଲେନ୍ସର ବ୍ୟବହାର କରି ଶବ୍ଦ ପ୍ରଦୂଷଣ କରୁଥିବା ୨ଟି ବୁଲେଟ୍ ମୋଟରସାଇକେଲକୁ ମଧ୍ୟ କ୍ୟାଣ୍ଟନମେଣ୍ଟ ଥାନାରେ ଜିମା ଦିଆଯାଇଛି।

**ନାବାଳକ ଗାଡ଼ି ଚାଳନା:** ଗାଡ଼ି ଚଲାଉଥିବା ୩ ଜଣ ନାବାଳକଙ୍କୁ ଧରାଯାଇ ଆର.ଟି.ଓଙ୍କ ନିକଟରେ ହାଜର କରାଯାଇଛି। ୨୫,୦୦୦ ଟଙ୍କା ଲେଖାଏଁ ଜରିମାନା ଲଗାଯାଇଛି। ଅନ୍ୟ ୩ ଜଣଙ୍କ ବୟସ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି।

**ନମ୍ବର ପ୍ଲେଟ୍ ବିହୀନ ଗାଡ଼ି:** ବିନା ନମ୍ବର ପ୍ଲେଟରେ ଗାଡ଼ି ଚଲାଉଥିବା ୩ଟି ଯାନକୁ ଟ୍ରାଫିକ ଥାନାରେ ଅଟକ ରଖାଯାଇଛି।

**ରାଜସ୍ୱ ଆଦାୟ:** ଆଜିର ଏହି ସ୍ପେଶାଲ ଡ୍ରାଇଭ୍ ସମୟରେ ଉଲ୍ଲଂଘନକାରୀଙ୍କଠାରୁ ସମୁଦାୟ ୧,୫୨,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସହରରେ ଶୃଙ୍ଖଳିତ ଯାତାୟାତ ଏବଂ ଦୁର୍ଘଟଣା ରୋକିବା ପାଇଁ ଆଗକୁ ମଧ୍ୟ ଏହିପରି ଚେକିଂ କଡ଼ାକଡ଼ି ଜାରି ରହିବ ବୋଲି ଟ୍ରାଫିକ ବିଭାଗ ପକ୍ଷରୁ ସୂଚନା ମିଳିଛି।

## କାଲିମେଳା ବ୍ଲକ ମୋଟୁ ବନ ବିଭାଗ ପକ୍ଷରୁ

# ୭୬୧ ଜୀବନ୍ତ କଇଁଛ ଉଦ୍ଧାର

■ **ମାଲକାନଗିରି (ହର୍ଷିକା) :** କାଲିମେଳା ବ୍ଲକ ମୋଟୁ ଚେକପୋଷ୍ଟରେ ମୋଟୁ ବନବିଭାଗ ପକ୍ଷରୁ ୭୬୧ ଟି କଇଁଛ ଜବତ ହୋଇଥିବା ଅଞ୍ଚଳରେ ଚଞ୍ଚଳତା ସୃଷ୍ଟି ହୋଇଛି । ଏକ ବୋଲେର ଗାଡ଼ିରେ ଆନ୍ଧ୍ରପ୍ରଦେଶରୁ ମାଲକାନଗିରି ଜିଲାକୁ ଆସୁଥିବା ବେଳେ ବନବିଭାଗ ପକ୍ଷରୁ ଜବତ କରାଯାଇଥିବା ଜଣାପଡିଛି। କଇଁଛଗୁଡିକର ଓଜନ ପ୍ରାୟ ୨. ୩୦୫ କେଜି ଓ ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ଆନ୍ଧ୍ରପ୍ରଦେଶରୁ ଓଡିଶାକୁ ଆସୁଥିବା ବେଳେ ଏହି କଇଁଛ ଗୁଡିକୁ ଧରାଯାଇଛି, ଡ୍ରାଇଭର ସହ ଏକ ବୋଲେରୋ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି ଏହି କଇଁଛଗୁଡିକ ମୋଟୁ ଥାନା ଅଞ୍ଚଳର ଏମ ପି ଭି ୮୩ ଗ୍ରାମର ବେପାରୀ ଶକ୍ତିପଦ ଗାଇନଙ୍କ ପାଖକୁ ଯାଉଥିବା ସୂଚନା ମିଳିଛି।



# ମା'ପୁଅଙ୍କୁ ଦଳି ଦେଲା ହାତୀ



■ **କଟକ (ହର୍ଷିକା) :** କଟକ ଜିଲ୍ଲା ନରସିଂହପୁର ଦେବଭୂଇଁ ପଞ୍ଚାୟତ ନୂଆଗାଁରେ ବୁଧବାର ହାତୀ ଆକ୍ରମଣରେ ଜଣେ ମହିଳା ଓ ତାଙ୍କ ଶିଶୁ ପୁତ୍ରଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି ସସ୍ମିତା ନାୟକ (୨୮) ଓ ତାଙ୍କ ପୁଅ ଶ୍ରେୟାଂଶୁ ନାୟକ (୫)। ମା'ପୁଅ ବାଡ଼ିକୁ ଶୌଚ ହେବାକୁ ଯାଇଥିବା ବେଳେ ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ଉଭୟଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ନୂଆଗାଁ ଛକ ନିକଟରେ ଚାପା ଉତ୍ତେଜନା ଦେଖା ଦେଇଛି। ନରସିଂହପୁର ପୁଲିସ ଓ ବନ କର୍ମଚାରୀ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କ ସହିତ ଗ୍ରାମବାସୀଙ୍କୁ ବୁଝାସୁଝା କରୁଛନ୍ତି।

# ଗାଡିଚକ ତଳେ ଚାଲିଗଲା ଜୀବନ

■ **ମାହାଙ୍ଗା (ହର୍ଷିକା) :** ଭଦ୍ରେଶ୍ୱର ପୁଲିସ ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଏହି ଥାନା ପୋଡାମରାଇ ପଂଚାୟତ ଗୋରତଙ୍ଗ ଗ୍ରାମରେ ଡି.ଜେ. ସାଉଣ୍ଡ ଗାଡି ଚକ ତଳେ ଏକ ଦଶ ବର୍ଷର ବାଳକର ଜୀବନ ଯାଇଛି । ଗୋରତଙ୍ଗ ଗ୍ରାମର ଭିନ୍ନକ୍ଷମ ଶ୍ରୀକାନ୍ତ ସାହୁଙ୍କ ଏକ ମାତ୍ର ପୁତ୍ର ଚନ୍ଦ୍ରଶେଖର (୧୦ ବର୍ଷ) ବିଳମ୍ବିତ ରାତିରେ ଡିଜେ ଦେଖିବା ପାଇଁ ଯାଇଥିବା ବେଳେ ଡିଜେ ଗାଡି ତାଙ୍କ ଉପରେ ଚଢିଯାଇଥିଲା। ତାଙ୍କ ମୁଣ୍ଡ ଉପରେ ଚକା ଚଢିଯିବା ଯୋଗୁ ଘଟଣା ସ୍ଥଳରେ ଚନ୍ଦ୍ରଶେଖରର ମୃତ୍ୟୁ ହୋଇଯାଇଥିଲା । ତୁରନ୍ତ ତାଙ୍କୁ ମାହାଙ୍ଗା ମେଡିକାଲ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷାଣା କରିଥିଲେ।

# ଅନ୍ନପୂର୍ଣ୍ଣା ଯୋଜନାରେ ୱାନ ନେସନ ୱାନ ରାସନ ବ୍ୟବସ୍ଥାରେ ଦାବିପତ୍ର



■ **କଟକ (ହର୍ଷିକା) :** ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୱାନ୍ ନେସନ୍ ୱାନ୍ ରାସନ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଓ ପରିବହନ ଠିକାଦାର ମାନଙ୍କ ଶୋଷଣରୁ ଖୁଚୁରା ବିକ୍ରେତା ମାନଙ୍କୁ ରକ୍ଷା କରିବା ଦାବିରେ ଆଜି (ମଙ୍ଗଳବାର)କଟକ ରିଟେଲ ଡିଲର୍ସ ଆସୋସିଏସନ୍ ପକ୍ଷରୁ ଏକ ୫ଦଫା ଦାବିପତ୍ର କଟକ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ କାର୍ଯ୍ୟାଳୟ ପରିସରରେ ଆସୋସିଏସନର କାର୍ଯ୍ୟକାରୀ ସଭାପତି ସେୟଦ୍ ଏକ୍ରାମ ହୁସେନଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଅଛି। ଯେଉଁଥିରେ ଉଲ୍ଲେଖ କରାଯାଇ ଅଛି କି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟର ପଡିକାର୍ଡ ଧାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଘୋଷଣା କରିଛନ୍ତି। ଯେଉଁଥିରେ ପଡିକାର୍ଡ ଧାରୀ ମାନଙ୍କୁ ଅଧିକ ୫ କେଜି ଚାଉଳ ପ୍ରଦାନ କରାଯିବ ହେଲେ, ଏହି ବ୍ୟବସ୍ଥାରେ ପ୍ରଚଳିତ ହୋଇ ଆସୁଥିବା ୱାନ୍ ନେସନ୍ ୱାନ୍ ରାସନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ପାରିବ ନାହିଁ। ଯାହାଫଳରେ ବାହାରୁ ଆସି କଟକ ମହାନଗର ଅଂଚଳରେ ରହୁଥିବା ଏବଂ ସୁଚାରୁ ରୂପେ ସାମଗ୍ରୀ ପାଉଥବା ପଡିକାର୍ଡ ଧାରୀ ମାନେ ଅସୁବିଧାର ସମ୍ମୁଖୀନ ହେବେ। ଯାହାକୁ ନେଇ ପଡିକାର୍ଡ ଧାରୀ ଓ ଖୁଚୁରା ବିକ୍ରେତା ମାନଙ୍କ ମଧ୍ୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ବର୍ତମାନ କଟକ ମହାନଗର ଅଂଚଳରେ କାର୍ଯ୍ୟରତ ଖୁଚୁରା ବିକ୍ରେତା ମାନଙ୍କୁ ସାମଗ୍ରୀ ପହଂଚାଣ ପାଇଁ ଯୋଗାଣ ନିଗମ ପୂର୍ବ ବ୍ୟବସ୍ଥାରେ ପରିବର୍ତନ କରି ୩ଜଣଙ୍କ ବଦଳରେ ମାତ୍ର ଦୁଇଜଣଙ୍କୁ ନିଯୁକ୍ତ କରିଛନ୍ତି। ଯେଉଁମାନେ କି କଟକ ମହାନଗର ନିଗମ ଅଂଚଳର କାର୍ଯ୍ୟରତ ଖୁଚୁରା ବିକ୍ରେତା ମାନଙ୍କୁ ଠିକଣା ସମୟରେ ସାମଗ୍ରୀ ପହଂଚାଣ କରିପାରୁନାହାଁନ୍ତି। ସାମଗ୍ରୀ ପହଂଚାଣରେ କୃତ୍ରିମ ସମସ୍ୟା ଦେଖାଇ ଖୁଚୁରା ବିକ୍ରେତା ମାନଙ୍କୁ ହଇରାଣ ହରକତ କରିବା ସହ ବିନା ଓଜନ ମାପରେ ଧାର୍ଯ୍ୟ ଓଜନ ଠାରୁ କମ୍ ପରିମାଣ ସାମଗ୍ରୀ ପହଂଚାଣ କରି ଖୁଚୁରା ବିକ୍ରେତା ମାନଙ୍କୁ ଶୋଷଣ କରୁଛନ୍ତି। ବାରମ୍ବାର ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସେହିପରି ଗତ କୋରୋନା ମହାମାରୀ ସମୟରେ ଖୁଚୁରା ବିକ୍ରେତା ମାନେ ବଂଟନ କରିଥିବା ସାମଗ୍ରୀ ବାବଦକୁ ବକେୟା ପାରିଶ୍ରମିକ ରାଜ୍ୟର ଅନ୍ୟ ଅଂଚଳର ଖୁଚୁରା ବିକ୍ରେତା ମାନଙ୍କୁ ଗତ ମାର୍ଚ୍ଚ ୩୧ ତାରିଖ ଠାରୁ ପ୍ରଦାନ କରାଯାଇ ଥିଲେ ମଧ୍ୟ ଆଜି ଯାଏଁ କଟକ ମହାନଗର ନିଗମ ଅଂଚଳର କାର୍ଯ୍ୟରତ ଖୁଚୁରା ବିକ୍ରେତା ମାନଙ୍କୁ ପ୍ରଦାନ କରାଯାଇନାହିଁ ସହିତ ଅନ୍ୟାନ୍ୟ ଦାବି ମଧ୍ୟ ରହିଛି। ଏହି ଦାବି ପତ୍ର ପ୍ରଦାନ ସମୟରେ କଟକ ରିଟେଲ ଡିଲର୍ସ ଆସୋସିଏସନର ଉପସଭାପତି ତାପସ ମହାନ୍ତି, ପୀତବାସ ଜେଠୀ, ସହ ସମ୍ପାଦକ ବିଜୟ କୁମାର୍ ସାହୁ, ବିନୟ ବୈଶାଖ, ପ୍ରେମ କୁମାର ସେନ, ଚନ୍ଦ୍ରମଣି ମହାରଣା ୱାର୍ଡ ପ୍ରତିନିଧି ଶିବ ସେଠି, ନଗେନ କୁମାର ସାହୁ, ଶମ୍ଭୁନାଥ ଦେ, ପ୍ରଶାନ୍ତ ମୁଦୁଲି, ବଳରାମ ସାହୁ, ଶାରଦା ପ୍ରସନ୍ନ ମହାନ୍ତି, ଶରତ ସାହୁଙ୍କ ସମେତ ଶତାଧିକ ଖୁଚୁରା ବିକ୍ରେତା ମାନେ ଉପସ୍ଥିତ ଥିଲେ।



## କଳିଯୁଗରେ ଗୁପ୍ତ ନିବାସ କରୁଛନ୍ତି ହନୁମାନ



ସଙ୍କଟ ମୋଚନକାରୀ ହନୁମାନ୍ ସର୍ବପ୍ରିୟ ଦେବତା । ସେ ଚିରଞ୍ଜୀବୀ । ଏହି କଳିଯୁଗରେ ମଧ ହନୁମାନ୍ ସ୍ୱଶରୀରରେ ଗୁପ୍ତ ଭାବେ ନିବାସ କରୁଛନ୍ତି । ଭକ୍ତର ପ୍ରାର୍ଥନା ମାତ୍ରେ ତା'ର ସଂକଟ ହରଣ କରିବାକୁ ହନୁମାନ୍ ସୂକ୍ଷ୍ମ ଶରୀରରେ ସେଠାରେ ଉପସ୍ଥିତ ହୁଅନ୍ତି । ଏପରି ବିଶ୍ୱାସ ରହିଛି । ତେବେ ହନୁମାନ୍‌ଙ୍କ ସେହି ଗୋପନ ଦିବ୍ୟ ନିବାସ ସ୍ଥଳ କେଉଁଠି ?

ପୁରାଣ ଶାସ୍ତ୍ର ଅନୁସାରେ ହନୁମାନ୍ ଗନ୍ଧମାର୍ଦ୍ଦନ ପର୍ବତରେ ନିବାସ କରନ୍ତି । ଏହି ସ୍ଥାନ କୈଳାସ ପର୍ବତର ଉତ୍ତର ଭାଗ ସୁମେରୁ ପର୍ବତ ନିକଟରେ ଅବସ୍ଥିତ । ଗନ୍ଧମାର୍ଦ୍ଦନ ପର୍ବତ କୈଳାସର ମାନସରୋବର ଏବଂ ବଦ୍ରୀନାଥ ଧାମ ମଝିରେ ରହିଛି । ରାମାୟଣରେ ବର୍ଣ୍ଣନାନୁସାରେ ଯେବେ ଶ୍ରୀରାମ ଏହି ମର୍ତ୍ତ୍ୟ ଛାଡ଼ିବାକୁ ପ୍ରସ୍ତୁତ ହେଲେ, ପରମ ଭକ୍ତ ହନୁମାନ୍‌ଙ୍କୁ ଡକାଇ ଏହାର ସଙ୍କେତ ଦେବା ସହିତ ତାଙ୍କୁ ମର୍ତ୍ତ୍ୟମଣ୍ଡଳରେ ରହିବାକୁ ପରାମର୍ଶ ଦେଇଥିଲେ । ମହାଭାରତରେ ମଧ ଗନ୍ଧମାର୍ଦ୍ଦନ ପର୍ବତ ସମ୍ପର୍କରେ ଉଲ୍ଲେଖ ରହିଛି । ଦ୍ରୌପଦୀଙ୍କ ଇଚ୍ଛା ପୂରଣ କରିବାକୁ ଦ୍ୱିତୀୟ ପାଣ୍ଡବ ଭୀମ ଯେବେ ଶତଦଳପଦ୍ମ ଖୋଜି ଖୋଜି ଗନ୍ଧମାର୍ଦ୍ଦନ ପର୍ବତ ଦେଶରେ ପ୍ରବେଶ କଲେ, ବାଟ ଉପରେ ଏକ ବୃଦ୍ଧ ମାଙ୍କଡ଼ ତା'ର ଲାଞ୍ଜ ଲମ୍ବାଇ ବସିଥିବା ଦେଖିଲେ । ଗର୍ବର ସହ ଭୀମ କହିଲେ 'ହେ ବୃଦ୍ଧ ବାନର! ଲାଙ୍ଗୁଳ ହଟାଅ, ମୁଁ ଯିବି ।' ମାଙ୍କଡଟି କହିଲା 'ମୁଁ ବୃଦ୍ଧ ହୋଇଗଲିଣି । ତୁମେ ଟିକେ ଉଠାଇ ଦିଅ ।' ଭୀମ ଅଟ୍ଟହାସ୍ୟ କରି ଯେବେ ସେହି ଲାଞ୍ଜଟିକୁ ଟେକିଲେ ତାହା ମହାମେରୁ ପରି ଓଜନଦାର ଅନୁଭବ କଲେ । ଶତ ଚେଷ୍ଟା ସତ୍ତ୍ୱେ ଲାଞ୍ଜକୁ ଇଞ୍ଚେ ବି ଆଡ଼େଇ ଦେଇପାରିଲେ ନାହିଁ । ଭୀମ ନିଜର ଭୁଲ୍ ବୁଝିପାରି ସେହି ରହସ୍ୟମୟ ମର୍କଟଙ୍କୁ ହାତଯୋଡ଼ି କ୍ଷମା ମାଗିବା ସହିତ ପ୍ରକୃତ ପରିଚୟ ଜାଣିବାକୁ ଚାହିଁଲେ । ହନୁମାନ୍ ନିଜର ସ୍ୱରୂପ ଭୀମଙ୍କ ସମ୍ମୁଖରେ ପ୍ରକଟ କଲେ । ଗନ୍ଧମାର୍ଦ୍ଦନ ପର୍ବତରେ ଆଜି ବି ଅନେକ ମୁନିଋଷି, ଯୋଗୀ ତପସ୍ୟାରତ ବୋଲି କୁହାଯାଏ । ଏହା ଯକ୍ଷ, ଗନ୍ଧର୍ବ, କିନ୍ନରଙ୍କ ରହଣି ସ୍ଥଳ ଭାବେ ଜଣାଶୁଣା । ତୈତିରୟ ଆରଣ୍ୟକରେ କୁବେର ଉତ୍ତର ଦିଗର ଅଧିପତି ବୋଲି ଦର୍ଶାଯିବା ସହିତ ସେ ଏହି ଗନ୍ଧମାର୍ଦ୍ଦନ ପର୍ବତରେ ନିବାସ କରନ୍ତି ବୋଲି ବର୍ଣ୍ଣନା ରହିଛି ।

## ବାସ୍ତୁ ଅନୁସାରେ ଲଗାନ୍ତୁ ଏହିସବୁ ଗଛ
## ପ୍ରାପ୍ତ ହେବ ସକାରାତ୍ମକ ଶକ୍ତି

ସକାରାତ୍ମକ ଶକ୍ତି ବୃଦ୍ଧ ? ପାଇଁ ବାସ୍ତୁଶାସ୍ତ୍ରରେ ବିଭିନ୍ନ ପ୍ରକାର ଗଛର ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ ଅଛି । ଉକ୍ତ ଗଛଗୁଡ଼ିକୁ ସକାରାତ୍ମକ ଶକ୍ତିର ଉତ୍ସ ବୋଲି କୁହାଯାଏ । ତେବେ ବାସ୍ତୁ ନିୟମ ଅନୁସାରେ, ଘରର ମୁଖ୍ୟ ଦ୍ୱାରରେ କେଉଁସବୁ ଗଛ ରଖିପାରିବେ ଆସନ୍ତୁ ଜାଣିବା... ତୁଳସୀ ଧାର୍ମିକ ଓ ବାସ୍ତୁ ନିୟମ ଅନୁସାରେ, ତୁଳସୀ ଗଛ ବହୁତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ସକାରାତ୍ମକ ଶକ୍ତିର ଉତ୍ସ ଭାବରେ ବିବେଚନା କରାଯାଏ । ତୁଳସୀ ଗଛ ଦ୍ୱାରା ଘରର ଆଖପାଖର ପରିବେଶ ସୁଗନ୍ଧିତ ।

ସକାରାତ୍ମକ ଶକ୍ତି ବୃଦ୍ଧ ପାଇଁ ବାସ୍ତୁଶାସ୍ତ୍ରରେ ବିଭିନ୍ନ ପ୍ରକାର ଗଛର ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ ଅଛି । ଉକ୍ତ ଗଛଗୁଡ଼ିକୁ ସକାରାତ୍ମକ ଶକ୍ତିର ଉତ୍ସ ବୋଲି କୁହାଯାଏ । ତେବେ ବାସ୍ତୁ ନିୟମ ଅନୁସାରେ, ଘରର ମୁଖ୍ୟ ଦ୍ୱାରରେ କେଉଁସବୁ ଗଛ ରଖିପାରିବେ ଆସନ୍ତୁ ଜାଣିବା...



**ତୁଳସୀ :** ଧାର୍ମିକ ଓ ବାସ୍ତୁ ନିୟମ ଅନୁସାରେ, ତୁଳସୀ ଗଛ ବହୁତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ସକାରାତ୍ମକ ଶକ୍ତିର ଉତ୍ସ ଭାବରେ ବିବେଚନା କରାଯାଏ । ତୁଳସୀ ଗଛ ଦ୍ୱାରା ଘରର ଆଖପାଖର ପରିବେଶ ସୁଗନ୍ଧିତ ରହିବା ସହିତ ଏହା ସକାରାତ୍ମକ ଶକ୍ତି ଏବଂ ଧନସମ୍ପଦକୁ ଆକର୍ଷିତ କରିଥାଏ । ତେଣୁ ତୁଳସୀ ଗଛ ଘର ପାଇଁ ଭାଗ୍ୟଶାଳୀ ବୋଲି ବିବେଚନା କରାଯାଏ ।

**ମଲ୍ଲୀ :** ଘରର ସକାରାତ୍ମକ ଶକ୍ତି ବୃଦ୍ଧି ପାଇଁ ମଲ୍ଲୀ ବେଶ୍ ଲାଭଦାୟକ । ଏହାର ସୁଗନ୍ଧ ଶରୀର ଏବଂ ମନକୁ ସତେଜ ରଖିଥାଏ । କୁହାଯାଏ ଯେ, ଯଦି ମୁଖ୍ୟ ଦ୍ୱାରରେ ମଲ୍ଲୀ ଗଛ ଅଛି, ତେବେ ଏହା କେବଳ ଘରକୁ ସୁଗନ୍ଧରେ ପରିପୂର୍ଣ୍ଣ କରିବ ନାହିଁ, ବରଂ ଧନ ମଧ ବୃଦ୍ଧି କରିଥାଏ ।

**ମନିପ୍ଲାଣ୍ଟ :** ମନିପ୍ଲାଣ୍ଟକୁ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ଦ୍ୱାରା ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ । ମନିପ୍ଲାଣ୍ଟକୁ ଘର ଭିତରେ କିମ୍ବା ଘର ବାହାରେ ମଧ ଲଗାଯାଇପାରିବ । ଏହାଦ୍ୱାରା ପରିବାରରେ ଖୁସିର ମାହୋଲ୍ ରହିଥାଏ । ମନିପ୍ଲାଣ୍ଟ ଦ୍ୱାରା ସୁଖସମୃଦ୍ଧି ମଧ ବୃଦ୍ଧି ହୁଏ ।

**ତାଳ ଗଛ :** ତାଳ ଗଛକୁ ବାୟୁ ବିଶୋଧକ ଭାବେ ବିବେଚନା କରାଯାଏ । ତେଣୁ ଏହାକୁ ଘରର ମୁଖ୍ୟ ଦ୍ୱାର ପାଖରେ ଲଗାଇ ପାରିବେ । ଘରର ମୁଖ୍ୟ ଦ୍ୱାରରେ ତାଳ ଗଛ ଲଗାଇବା ଦ୍ୱାରା ସକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ ।

**ଫର୍ଣ୍ଣ ଗଛ :** ଫର୍ଣ୍ଣ ଗଛ ଦେଖୀବା ପାଇଁ ଯେତିକି ସୁନ୍ଦର, ଘର ପାଇଁ ସେତିକି ଭାଗ୍ୟଶାଳୀ ମଧ ହୋଇଥାଏ । ବୋଷ୍ଟର୍ଣ୍ଣ ଫର୍ଣ୍ଣ ଗଛକୁ ଘରର ମୁଖ୍ୟ ଦ୍ୱାରରେ ସଜାଇ ରଖୀପାରିବେ । ଏହାଦ୍ୱାରା ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ । ଏହା ସହିତ ସୁଖସମୃଦ୍ଧି ମଧ ବୃଦ୍ଧି ହୁଏ ।

**କମଳା ଗଛ :** ଫେଙ୍ଗ୍‌ସୁଇ ଅନୁସାରେ, ଲେମ୍ବୁ ବା କମଳା ଗଛ ମଧ ଘର ପାଇଁ ବହୁତ ଶୁଭ ବୋଲି କୁହାଯାଏ । ଏହାଦ୍ୱାରା ସୌଭାଗ୍ୟ ବୃଦ୍ଧି ହୁଏ । ଏହାକୁ ଘରର ମୁଖ୍ୟ କବାଟର ଠିକ୍ ସାମନାରେ ରଖୀବା ପରିବର୍ତ୍ତେ ମୁଖ୍ୟ ଦ୍ୱାରର ଡାହାଣ ପାର୍ଶ୍ୱରେ ରଖନ୍ତୁ ।

## ନୀରୋଗ ସ୍ୱାସ୍ଥ୍ୟ ପାଇଁ ହୋମିଓପାଥି

ହୋମିଓପାଥି ଚିକିତ୍ସାର ଜନକ ଭାବେ ବିବେଚିତ ଡା. ସାମୁଏଲ ହ୍ୟାନିମାନ ୧୭୯୬ ଏପ୍ରିଲ ୧୦ ରେ ଜନ୍ମଗ୍ରହଣ କରିଥିଲେ । ସେହି ବିଶିଷ୍ଟ ଡାକ୍ତରଙ୍କ ଜନ୍ମଦିନ ଅବସରରେ ପ୍ରତିବର୍ଷ ଏପ୍ରିଲ ୧୦ରେ ପାଳିତ ହୋଇଆସୁଛି 'ବିଶ୍ୱ ହୋମିଓପାଥି ଦିବସ' । ଚଳିତ ବର୍ଷ ଏହି ଦିବସ ଲାଗି ପ୍ରସଙ୍ଗ ରହିଛି-'ନୀରୋଗ ସ୍ୱାସ୍ଥ୍ୟ ପାଇଁ ହୋମିଓପାଥି' । ହୋମିଓପାଥିର ବିକାଶରେ ଡା. ହ୍ୟାନିମାନଙ୍କ ଅବଦାନ ଚିର ସ୍ମରଣୀୟ । ଏ ବିଷୟରେ ବିଜୁ ପଟ୍ଟନାୟକ ହୋମିଓପାଥି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ବ୍ରହ୍ମପୁରର ଅଧ୍ୟାପିକ ଡା. ସୁକାନ୍ତି ସୁଚରିତା ଷଡ଼ଙ୍ଗୀ କୁହନ୍ତି, "ଦୀର୍ଘ ବର୍ଷ ଧରି ହୋମିଓପ୍ୟାଥି ଚିକିତ୍ସା ସମଗ୍ର ବିଶ୍ୱରେ ବେଶ୍ ଆଦୃତ ହୋଇଛି । ପ୍ରାୟ ୮୦ରୁ



ଅଧିକ ଦେଶରେ ଏହି ଚିକିତ୍ସା ପ୍ରଣାଳୀ ଚାଲୁ ରହିଛି । ହୋମିଓପାଥିକ ଚିକିତ୍ସା ମାଧ୍ୟମରେ ଥଣ୍ଡା, କାଶ, ଜ୍ୱର ପରି ସାଧାରଣ ରୋଗ ବ୍ୟତୀତ ଆଜ୍‌ମା (ଶ୍ୱାସ), ଆଣ୍ଠୁଗଣ୍ଠି ସମସ୍ୟା, ଗ୍ୟାଷ୍ଟ୍ରିକ, ସ୍ନାୟୁ ରୋଗ, ସ୍ପଣ୍ଡିଲୋସିସ, ପାରାଲିସିସ ବା ପକ୍ଷାଘାତ, ମାନସିକ ରୋଗ ଏବଂ ଆମର ଜୀବନଶୈଳୀ ସହ ଜଡିତ ଉଚ୍ଚ ରକ୍ତଚାପ, ମଧୁମେହର ମଧ ସଫଳ ଚିକିତ୍ସା କରାଯାଇପାରୁଛି । ଏକଥା ଜାଣିବା ଦରକାର ଯେ ଏହି ଚିକିତ୍ସାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ । ଯଦି ଜଣେ ବ୍ୟକ୍ତି ହୋମିଓପାଥି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଠିକ୍ ଭାବରେ ଚିକିତ୍ସିତ ହୁଅନ୍ତି ତେବେ ଚିକିତ୍ସା କରାଯାଉଥିବା ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ସମ୍ଭବ ହୋଇଥାଏ । ଏଥିସହ ଏହି ଚିକିତ୍ସା ପଦ୍ଧତିରେ ରୋଗୀକୁ ସ୍ୱଳ୍ପ ଖର୍ଚ୍ଚ କରିବାକୁ ପଡ଼ିଥାଏ । ମୂଳ କଥା ହେଲା ହୋମିଓପାଥି ଚିକିତ୍ସା ସମୟରେ ରୋଗୀର କେବଳ ରୋଗକୁ ନୁହେଁ, ରୋଗୀର ଶାରୀରିକ ଏବଂ ମାନସିକ ଅବସ୍ଥାକୁ ଲକ୍ଷଣ ରୂପେ ବିଚାରକୁ ନେଇ ଚିକିତ୍ସା କରାଯାଏ । ହୋମିଓପାଥି ଚିକିତ୍ସା ପଦ୍ଧତିକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମାନ୍ୟତା ଦେଇଛି ।

## ଅଧିକ ସମୟ ଭିଡିଓ ଗେମ୍ ଖେଳୁଛନ୍ତି କି ହୋଇଯାନ୍ତୁ ସାବଧାନ



ଭିଡିଓ ଗେମ ଖେଳିବାରେ କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଏଥିରେ ଯୁବପିଢ଼ି ବି ପଛରେ ପଡିନାହାନ୍ତି । ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ସତ ହେଲେ, ପରୋକ୍ଷରେ ଏହା ଆମର ଅନେକ କ୍ଷତିସାଧନ କରିଥାଏ । ଅନେକଙ୍କର ଏହା ଏବେ ଅଭ୍ୟାସରେ ପଡିଯାଇଛି । ଏହାଦ୍ୱାରା ନିଜର ଅନ୍ୟ କାମ ବି ପ୍ରଭାବିତ ହୋଇଥାଏ । ଅଧିକ ସମୟ ଭିଡିଓଗେମ୍ ଖେଳିଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡିଥାଏ ଓ କାର୍ଯ୍ୟ କରିବାର ଆଗ୍ରହ ମଧ ଏଥିଯୋଗୁ କମିଯାଏ । 'ଭିଡିଓଗେମ୍ ଏବଂ ମସ୍ତିଷ୍କର କାର୍ଯ୍ୟଧାରା' ବିଷୟକୁ ନେଇ କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଅଧିକ ସମୟ ଭିଡିଓଗେମ୍ ଖେଳୁଥିବା ପିଲାମାନଙ୍କର ମସ୍ତିଷ୍କର କାର୍ଯ୍ୟାଧାରା ଏହା ଦ୍ୱାରା ପ୍ରଭାବିତ ହେଉଥିବା ଏକ ସର୍ଭେ ରିପୋର୍ଟରେ ସେମାନେ ଉଲ୍ଲେଖ କରିଥିଲେ ।

## ମସ୍ତିଷ୍କର ବୟସ ବଢାଉଛି ପ୍ରଦୂଷଣ, ଜାଣନ୍ତୁ କିପରି ?

କେବଳ ବୟସ ନୁହେଁ, ଆଖପାଖର ବାତାବରଣ ମଧ ମସ୍ତିଷ୍କକୁ ପ୍ରଭାବିତ କରିଥାଏ । ବାତାବରଣ ସହ ସାମାଜିକ ପରିସ୍ଥିତି ମସ୍ତିଷ୍କ ଉପରେ ପ୍ରଭାବ ପକାଏ । ଆଜିକାଲି ପ୍ରାୟ ଲୋକ ନିଜର ଶାରୀରିକ ଫିଟ୍ନେସ୍ ଓ ଖାଦ୍ୟପାନୀୟ ଉପରେ ଧ୍ୟାନ ଦେବାରେ ଲାଗିଛନ୍ତି । କିନ୍ତୁ କେବେ ଭାବିଛନ୍ତି ଯେଉଁ ବାତାବରଣରେ ଆମେ ରହୁଛେ ଓ ସାମାଜିକ ପରିସ୍ଥିତି ଦେଇ ଆମେ ବଞ୍ଚୁଛେ ତାହା ଆମ ମାନସିକ ସ୍ଥିତିକୁ କେତେ ପ୍ରଭାବିତ କରୁଛି ?



ନିକଟରେ ୩୪ଟି ଦେଶର ୧୮,୭୦୧ ଲୋକଙ୍କ ଉପରେ କରାଯାଇଥିବା ଗବେଷଣାରୁ ମିଳିଥିବା ତଥ୍ୟ ପ୍ରାୟ ଲୋକଙ୍କୁ ଆଚମ୍ବିତ କରିଦେଇଛି । ପ୍ରଦୂଷଣ, ଅଭାବ ଓ ସାମାଜିକ ଏକଲାପଣ ମିଶି ବ୍ୟକ୍ତିର ମସ୍ତିଷ୍କକୁ ୯ ଗୁଣା ତୀବ୍ର ବେଗରେ ବୟସ୍କ କରିବାରେ ଲାଗିଛନ୍ତି । ଏହି ଗବେଷଣା କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟର କଥା କହି ନଥାଏ, ବରଂ ଏକ୍ସପୋଜୋମ୍ ବିଷୟରେ କହୁଛି, ଯାହା ଦ୍ୱାରା ଆମେ ନିଶ୍ୱାସପ୍ରଶ୍ୱାସ ନେବା ସହ ବଞ୍ଚୁଛେ । ଗବେଷଣା ଅନୁସାରେ ବାୟୁ ପ୍ରଦୂଷଣ ଓ ପାଣିର ଖରାପ ଗୁଣବତ୍ତାର ସିଧାସଳଖ ପ୍ରଭାବ ମସ୍ତିଷ୍କର ସଂରଚନାକୁ ପ୍ରଭାବିତ କରିଥାଏ ।

ଯେତେବେଳେ ଆମେ ପ୍ରଦୂଷିତ ବାୟୁକୁ ପ୍ରଶ୍ୱାସରେ ଭିତରକୁ ନେଉଛେ, ସେତେବେଳେ ଛୋଟ ଛୋଟ ଧୂଳି କଣା ଫୁସ୍ଫୁସ୍ ଜରିଆରେ ମସ୍ତିଷ୍କରେ ପହଞ୍ଚିଥାଏ । ଏହା ୩ ପ୍ରକାରର ସମସ୍ୟା ସୃଷ୍ଟି କରିଥାଏ ।ନ୍ୟୁରୋଇନ୍ଫ୍ଲାମେସନ୍- ମସ୍ତିଷ୍କର ଟିସୁରେ ପ୍ରଦାହ ହେବା ,ଅକ୍ସିଡେଟିଭ୍ ଷ୍ଟ୍ରେସ୍ - କୋଷିକାଗୁଡିକ ତୀବ୍ର ବେଗରେ ହ୍ରାସ ପାଇଥାନ୍ତି , ବ୍ଲଡ୍ ଭେସେଲ୍ସ ଖରାପ ହୁଏ- ମସ୍ତିଷ୍କରେ ଅମ୍ଳଜାନ ପହଞ୍ଚିବାରେ ବାଧା ପହଞ୍ଚିଥାଏ । ଏହାବ୍ୟତୀତ ସହରୀ ଜୀବନରେ ସବୁଜିମାର ଅଭାବରୁ ବଢୁଥିବା ତାପମାତ୍ରା ଚିନ୍ତାର ସ୍ତରକୁ ବଢାଇଥାଏ, ଫଳରେ ସ୍ମରଣ ଶକ୍ତି ଓ ଭାବନାକୁ ନିୟନ୍ତିତ କରୁଥିବା ଅଙ୍ଗ ସମୟ ପୂର୍ବରୁ ଦୁର୍ବଳ ହୁଏ ।

ଆର୍ଥିକ ଅଭାବ ଓ ଅସମାନତାର ବୋଝ : ଆର୍ଥିକ ଅଭାବ କେବଳ ପକେଟ୍ ଖାଲି କରି ନଥାଏ । ବରଂ ମସ୍ତିଷ୍କକୁ ମଧ ସଙ୍କୁଚିତ କରିଦିଏ । ସାମାଜିକ ଓ ଆର୍ଥିକ ଅସମାନତା କାରଣରୁ ବ୍ୟକ୍ତି ସବୁବେଳେ ଜୀବନ ବଞ୍ଚିବାକୁ ନେଇ ସଂଘର୍ଷ କରୁଥ । ଏ ।ସୁବିଧାସୁଯୋଗର ଅଭାବ ମସ୍ତିଷ୍କର ଏକ ଅଂଶକୁ ପ୍ରଭାବିତ କରିଥାଏ, ଯାହା ତାର୍କିକ ଭାବନା ଓ କଗ୍ନେଟିଭ ଫଙ୍କ୍ସନକୁ ଦାୟୀ କରିଥାଏ । ସାମାଜିକ ଅସୁରକ୍ଷା କାରଣରୁ ହେଉଥିବା ମାନସିକ ଚିନ୍ତା ନ୍ୟୁରୋନ୍ସ ଭିତରେ ଥିବା ସମ୍ପର୍କକୁ ଦୁର୍ବଳ କରିଦେଇଥାନ୍ତି । ଏକଲାପଣ ମଧ ଏକ କାରଣ : ଏକଲାପଣ ଆଜିକାଲି ଏକ ମହାମାରୀ ପରି ମାଡି ଚାଲିଛି । ଗବେଷଣାରୁ ଜଣାପଡିଛି ଯେଉଁମାନଙ୍କ ପାଖରେ ସାମାଜିକ ସହଯୋଗର ଅଭାବ ରହିଥାଏ, ସେମାନଙ୍କରେ ବୟସ ବଢିବାର ଲକ୍ଷଣ ସାମାଜିକ ଭାବେ ସକ୍ରିୟ ଥିବା ଲୋକଙ୍କଠାରୁ ଅଧିକ ରହିଥାଏ । ଏକଲାପଣ ମସ୍ତିଷ୍କରେ କର୍ଟିସୋଲ୍ ହର୍ମୋନ୍ସତରକୁ ବଢାଇଥାଏ, ଯାହା ସିଧାସଳଖ ଭାବେ ଖୁସିକୁ ପ୍ରଭାବିତ କରିଥାଏ ।

ମସ୍ତିଷ୍କ ଉପରେ ଏକା ସାଙ୍ଗରେ ଆକ୍ରମଣ : ଯେତେବେଳେ ମସ୍ତିଷ୍କ ଉପରେ ଭୌତିକ ଓ ସାମାଜିକ କାରକଗୁଡିକ ଏକା ସାଙ୍ଗରେ ଆକ୍ରମଣ କରିଥାନ୍ତି, ଏହାର ପ୍ରଭାବ ବହୁଗୁଣା ବଢିଯାଇଥାଏ ।

## ୪୦ ଟପିଥିଲେ ମହିଳାମାନେ ଖାଆନ୍ତୁ ଏହି ପରିବା; ବୟସ ବଢ଼ିଲେ ବି ଦିଶିବେ ଯବାନ ଓ ରହିବେ ଫିଟ୍ !

ପ୍ରାୟତଃ ଦେଖାଯାଏ ଯେ ମହିଳାମାନେ ପରିବାରର ଯତ୍ନ ନେବା ଭିତରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତି । ତେବେ ପୁରୁଷଙ୍କ ତୁଳନାରେ ମହିଳାମାନେ ବୟସ ବଢିବା ସହ ଶୀଘ୍ର ଦୁର୍ବଳ ଅନୁଭବ କରନ୍ତି । ବିଶେଷକରି ୪୦ ବର୍ଷ ବୟସ ପରେ ମହିଳାଙ୍କ ଶରୀରରେ ଅନେକ ପରିବର୍ତ୍ତନ ଆସେ । ମେନୋପଜ୍ କାରଣରୁ ହରମୋନ୍ ଅସନ୍ତୁଳନ ଏବଂ ହାଡ ଦୁର୍ବଳ ହେବା ଭଳି ସମସ୍ୟା ଦେଖାଦିଏ । ଏହି ସମୟରେ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବା ଜରୁରୀ । ବ୍ରିଟେନର ଜଣେ ପୋଷଣ ବିଶେଷଜ୍ଞ ତଥା ଡାଇବେଟିସ୍ ଏଜୁକେଟର ଦୀପଶିଖା ଜୈନ ଏକ ଏମିତି ପରିବା ବିଷୟରେ କହିଛନ୍ତି ଯାହା ୪୦ ପାର୍ କରିଥିବା ମହିଳାଙ୍କ ପାଇଁ କୌଣସି 'ସୁପରଫୁଡ୍' ଠାରୁ କମ୍ ନୁହେଁ ।

ସପ୍ତାହକୁ କେତେ ଥର ଖାଇବେ ଏହି ପରିବା : ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ୪୦ ବର୍ଷରୁ ଅଧିକ ବୟସର ମହିଳାମାନେ ନିୟମିତ ଭାବରେ ସୋୟାବିନ୍ ଫଳି ବା ଏଡାମାମେ (ରୟବଙ୍କବଙ୍କର) ଖାଇବା ଉଚିତ୍ । ସପ୍ତାହକୁ ଅନ୍ତତଃ ୨ ରୁ ୩ ଥର ଏକ କପ୍ ସୋୟାବିନ୍ ଫଳି ଖାଇବା ଦ୍ୱାରା ଶରୀରକୁ ପ୍ରଚୁର ଲାଭ ମିଳିଥାଏ । ଏହାର ସ୍ୱାଦ ମଧ ବହୁତ ଭଲ ଏବଂ ଆପଣ ଏହାକୁ ସାଲାଡ, ସୁପ୍ କିମ୍ବା ତରକାରୀ ଭାବରେ ପ୍ରସ୍ତୁତ କରି ଖାଇପାରିବେ ।

ଏଡାମାମେ ବା ସୋୟାବିନ୍ ଫଳିର ଫାଇଦା: ୧. ପ୍ରୋଟିନ୍ ର ଉତ୍ସ: ବୟସ ବଢିବା ସହ ଶରୀରରେ ମାଂସପେଶୀ ଦୁର୍ବଳ ହେବାକୁ ଲାଗେ । ଏଡାମାମେରେ ପ୍ରଚୁର ପରିମାଣରେ ପ୍ଲାଣ୍ଟ ବେସ୍ ?ଡ ପ୍ରୋଟିନ୍ ରହିଛି, ଯାହା ମାଂସପେଶୀକୁ ମଜବୁତ କରିବା ସହ ଶରୀରର ରିକଭରୀରେ ସାହାଯ୍ୟ କରେ ।

୨. ମଜବୁତ ହାଡ: ଏଥିରେ ଥିବା କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ହାଡକୁ ଶକ୍ତ କରେ । ଏହାଦ୍ୱାରା ବୟସାଧିକ ମହିଳାଙ୍କ ଠାରେ ଦେଖାଯାଉଥିବା ଅଷ୍ଟିଓପୋରୋସିସ୍ (ହାଡ ଫମ୍ପା ହେବା) ଆଶଙ୍କା କମିଥାଏ ।

୩. ହରମୋନ୍ ସନ୍ତୁଳନ: ସୋୟାବିନ୍ ରେ ଥିବା ଆଇସୋଫ୍ଲେଭୋନ୍ସ (Isoflavones) ମହିଳାଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ । ଏହା ପ୍ରାକୃତିକ ଭାବେ ଏଷ୍ଟ୍ରୋଜେନ୍ ଭଳି ଗୁଣ ଧାରଣ କରିଥାଏ, ଯାହା ମେନୋପଜ୍ ସମୟରେ ହେଉଥିବା ହରମୋନାଲ ପରିବର୍ତ୍ତନ, ମୁଡ୍ ସ୍ୱିଙ୍ଗ୍ସ ଏବଂ ହଟ୍ ଫ୍ଲାସେସ୍ ସମସ୍ୟାରୁ ମୁକ୍ତି ଦିଏ ।

ହୃଦରୋଗ ଏବଂ ମଧୁମେହ ପାଇଁ ରାମବାଣ : ଏହି ପରିବାରେ ଥିବା ଫାଇବର ଏବଂ ହେଲ୍‌ଦି ଫ୍ୟାଟ୍ସ ଶରୀରରେ କୋଲେଷ୍ଟ୍ରଲ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଫଳରେ ହୃଦରୋଗର ଆଶଙ୍କା କମିଯାଏ । ଏହା ବ୍ୟତୀତ, ଏହାର ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହା ରକ୍ତରେ ଶର୍କରା ସ୍ତରକୁ ହଠାତ୍ ବଢାଏ ନାହିଁ । ତେଣୁ ମଧୁମେହ ସମସ୍ୟା ଭୋଗୁଥିବା ମହିଳାଙ୍କ ପାଇଁ ମଧ ଏହା ବେଶ୍ ଉପକାରୀ ।



## ଉତ୍ତମ ସ୍ୱାସ୍ଥ୍ୟ, ଚମକଦାର ତ୍ୱଚା ଏବଂ କେଶ ପାଇଁ ଲାଭକାରୀ ସାଗୁ

ଆପଣମାନେ ଜାଣିଥିବେ ଅଧିକାଂଶ ଘରେ ସାଗୁ ବ୍ୟବହାର କରାଯାଇଥାଏ । ସାଗୁକୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ ।ପ୍ରାୟତଃ ଅନେକ ଲୋକ ଉପବାସ ସମୟରେ ସାଗୁ ଖାଇଥାନ୍ତି । ସାଗୁ ଖାଇବା କେବଳ ଉପବାସ ସମୟରେ ନୁହେଁ ବରଂ ଗ୍ରୀଷ୍ମ ଋତୁ ପାଇଁ ମଧ ସର୍ବୋତ୍ତମ ଖାଦ୍ୟ ହୋଇଥାଏ । ଯାହା ଅନେକ ରୋଗର ଆଶଙ୍କା କମାଇଥାଏ । ତେଣୁ ପ୍ରତିଦିନ ଖାଇବା ଲିଷ୍ଟରେ ସାଗୁକୁ ଆଡ୍ କରିପାରିବେ ।

ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି । ଏଥିରେ ଅଧିକ ପରିମାଣର କ୍ୟାଲୋରୀ ରହିଥାଏ । ଏହା ବ୍ୟତୀତ ଫାଇବର, ଆଇରନ୍, ପୋଟାସିୟମ୍, କ୍ୟାଲସିୟମ୍ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି । ଯେଉଁଥିରେ କାର୍ବସ ମଧ ଥାଏ । ଯାହା ଶରୀରକୁ ଶକ୍ତି ଯୋଗାଇବାରେ ସାହାଯ୍ୟ କରିଥାଏ । କେବଳ ସ୍ୱାସ୍ଥ୍ୟଗତ ଭାବେ ନୁହେଁ ଚମକଦାର ତ୍ୱଚା ଏବଂ କେଶ ପାଇଁ ମଧ ଲାଭକାରୀ ହୋଇଥାଏ ସାଗୁ । ତେବେ ସାଗୁ ଖାଇବା ଦ୍ୱାରା ଆମର କଣ କଣ ଉପକାର ହୋଇଥାଏ ଆସନ୍ତୁ ଜାଣିବା ।

ସାଗୁରେ ଭିଟାମିନ୍ କ ଏବଂ କ୍ୟାଲସିୟମ ଗୁଣ ଥିବାରୁ ହାଡ଼ ପାଇଁ ବେଶ୍ ଉପଯୋଗୀ ହୋଇଥାଏ । ଯାହା ଖାଇବା ଦ୍ୱାରା ହାଡ଼ ବିକାଶ କରିବାରେ ସହାୟକ କରିଥାଏ ।

ଓଜନ ବଢାଏ : ଯଦି ଆପଣ ଓଜନ ବଢାଇବା ପାଇଁ ଚେଷ୍ଟା କରୁଛନ୍ତି, ତେବେ ସାଗୁକୁ ନିଜ ଖାଦ୍ୟରେ ସାମିଲ କରିବା ଉଚିତ । କାରଣ ସାଗୁରେ କାର୍ବସ ଭରପୂର ମାତ୍ରାରେ ଥାଏ ଯାହା ଶରୀରରେ ଅତ୍ୟାବଶ୍ୟକ ଫ୍ୟାଟ ଟିସୁ ଗଠନ କରିବାରେ ସାହାଯ୍ୟ କରିଥାଏ । ଯାହା ଫଳରେ ଖୁବ୍ ସହଜରେ ଓଜନ ବୃଦ୍ଧି କରିପାରିବେ ।



ହଜମ ପକ୍ରିୟା ପାଇଁ ଲାଭଦାୟକ : ହଜମ ପକ୍ରିୟାକୁ ଠିକ ରଖିବା ପାଇଁ ସାଗୁ ଖାଇବା ଅତ୍ୟନ୍ତ ଆବଶ୍ୟକ । କାରଣ ଏଥିରେ ଥିବା ଷ୍ଟାର୍ଚ ପାଚନକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଏହା ସହିତ ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ସମସ୍ୟାକୁ ରୋକିବାରେ ସହାୟକ କରିଥାଏ । ହାର୍ଟ ପାଇଁ ମଧ ସାଗୁକୁ ଭଲ ବୋଲି କୁହାଯାଇଥାଏ ।

ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରେ : ଉଚ୍ଚ ରକ୍ତଚାପରେ ଲୋକମାନେ ବିଭିନ୍ନ ପ୍ରକାରର ଔଷଧ ଏବଂ ଘରୋଇ ଉପଚାର ନିଅନ୍ତି । ଆପଣ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସାଗୁଦାନା ଏଥିପାଇଁ ଖାଇ ପାରିବେ ।ଏଥିରେ ପୋଟାସିୟମ୍ ପ୍ରଚୁର ପରିମାଣରେ ମିଳିଥାଏ, ଯେଉଁଥିପାଇଁ ଶରୀରରେ ରକ୍ତ ସଞ୍ଚାଳନ ସଠିକ୍ ଭାବରେ କରାଯାଇଥାଏ । ଏହା ମଧ ରକ୍ତ ପ୍ରବାହରେ ଗତି ଯୋଗାଏ । ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ । ସାଗୁ ଖାଇବା ଦ୍ୱାରା ଚାପ କମିଯାଏ, ଯାହା ଷ୍ଟ୍ରୋକ୍ ଏବଂ ହାର୍ଟ ଆଟାକ୍ ଭଳି ଆଶଙ୍କାକୁ ହ୍ରାସ କରିଥାଏ ।

କେଶ ଏବଂ ଚର୍ମ ପାଇଁ ଉପକାରୀ : ସାଗୁରେ ଭିଟାମିନ୍ ଇ ଏବଂ ସେଲେନିୟମ୍ ଭଳି ପୋଷକ ତତ୍ତ୍ୱ ରହିଛି । ଯାହା କେଶ ଏବଂ ଚର୍ମ ପାଇଁ ଉପଯୋଗୀ ହୋଇଥାଏ । ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଉଜ୍ଜ୍ୱଳ ତ୍ୱଚା ଏବଂ କେଶ ମଜବୁତ କରିବାରେ ସାହାଯ୍ୟ କରିଥାଏ ।

ପ୍ରତ୍ୟେକଟି ଜିନିଷ ଖାଇବାର ଗୋଟିଏ ଉପାୟ ଏବଂ ସଠିକ୍ ପରିମାଣ ରହିଥାଏ । ସେହିପରି ଭାବେ ସାଗୁ ଖାଇବାର ମଧ ଗୋଟିଏ ଉପଯୁକ୍ତ ସମୟ ରହିଛି । ଯାହା ଦ୍ୱାରା ଫଳପ୍ରଦ ହୋଇଥାଏ । ତେଣୁ ସକାଳ ଜଳଖିଆରେ ସାଗୁ ଖାଇବା ବହୁତ ଲାଭଦାୟକ ବୋଲି ପ୍ରମାଣିତ । ଏହାକୁ ଖାଇବା ଦ୍ୱାରା ଶରୀରକୁ ସାରା ଦିନ ପାଇଁ ଶକ୍ତି ମିଳିଥାଏ । ଏହା ସହିତ, ଏହାର ଲାଭ ମଧ ଶୀଘ୍ର ଦେଖାଯାଏ ।

# ଚନ୍ଦନ ଚର୍ଚ୍ଚିତ ଚନ୍ଦନ ଯାତ

॥ ଉମେଶ ଚନ୍ଦ୍ର ପଟ୍ଟନାୟକ ॥



ଚନ୍ଦନ ଚର୍ଚ୍ଚିତ ଭଉଁରୀ ଯାତରେ
ପ୍ରଭୁ ଶ୍ରୀ ଚକା ନୟନ
ନରେନ୍ଦ୍ର ପୋଖରୀ ଜଳେ ଘୁରୁଥାନ୍ତି
କରିବା ପାଇଁ ସ୍ନାହାନ ।୧

ବୈଶାଖ ଶୁକ୍ଳ ଅକ୍ଷୟ ତୃତୀୟା
ଠାରୁ ଏକୋଇଶି ଦିନ
ବାହାର ଚାପ ଯେ ଖେଳିଥାନ୍ତି ପ୍ରଭୁ
କରି ଭକ୍ତ ସମାଗମ ।୨

ଆନ ଏକୋଇଶି ଦିନରେ ଭିତର
ପ୍ରଭୁ ଚାପ ଖେଳିଥାନ୍ତି
ଶ୍ରୀମନ୍ଦିରେ ସେହି ଚାପ ଅନୁଷ୍ଠିତ
ସେବକ କରି ଥାଆନ୍ତି ।୩

ନରେନ୍ଦ୍ରରେ ଦୁଇ ଚାପ ଅନୁଷ୍ଠିତ
ଭଦ୍ରା ବଡ଼ ଚାପ ସାଜେ
ପଞ୍ଚ ମହାଦେବ ଆଉ ରାମକୃଷ୍ଣ
ସେ ଚାପେ କରନ୍ତି ବିଜେ ।୪

ସାନ ଚାପ ନାମ ଅଟଇଯେ ନନ୍ଦା
ଭଦ୍ରା ଡ଼ଙ୍ଗା ଠାରୁ ଛୋଟ
ମଦନ ମୋହନ, ଶ୍ରୀଦେବୀ ଭୂଦେବୀ
ବିରାଜନ୍ତି କରି ନାଟ ।୫

ପ୍ରଭୁଙ୍କର ଏହି ମାନବୀୟ ଲୀଳା
ଗ୍ରୀଷ୍ମରୁ ମୁକତି ପାଇଁ
ନରେନ୍ଦ୍ରରେ ସ୍ନାନ କରନ୍ତି ମୋହନ
ଚନ୍ଦନ ଚର୍ଚ୍ଚିତ ହୋଇ ।୬

ଭଦ୍ରା, ନନ୍ଦା ଦୁଇ ନାବ ସୁସଜ୍ଜିତ
ଚନ୍ଦନ କର୍ପୂର ବାସ
ଦୋଳ ବିମାନରେ ପାଟ ପଟୁଆରେ
ଆସନ୍ତି ଶ୍ରୀକ୍ଷେତ୍ର ଇଶ ।୭

ଶ୍ରୀକ୍ଷେତ୍ରର ପଞ୍ଚୁ ପାଣ୍ଡବ ନାମରେ
ପଞ୍ଚ ମହାଦେବ ଖ୍ୟାତ
ଜମେଶ୍ୱର, ଲୋକନାଥ, ମାର୍କଣ୍ଡେୟ
କପାଳ ମୋଚନ ନାଥ ।୮

ଶେଷ ନୀଳକଣ୍ଠ ମହାଦେବ ମିଶି
ପଞ୍ଚ ଈଶ୍ୱର ବିଦିତ
ମଦନ ମୋହନ ସହିତେ ବସି ସେ
ଚାପରେ ହୁଅନ୍ତି ଉଦିତ ।୯

●

ବାସୁଦେବପୁର, ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : ୯୯୩୭୧୯୭୦୦୧

# ପ୍ରଭୁ ତୁମେ ଥରେ

॥ ପବିତ୍ର ଭୂୟାଁ ॥



ଫୁଲ ଲତା ଭଳି   ଆଣିଛି ମୁଁ ତୋଳି
ଦୁଆରେ ପଡିଛି ଚିତା
ମୋ କାଳିଆ ଲାଗି   ବସିଛି ମୁଁ ଜଗି
ରଖିଛି ଚାନ୍ଦୁଆ ଛତା   ।୦।

କାଳିଆ କହିଛି   ଆସିବ ସେ ଲୁଚି
ବଡ଼ ଦେଉଳରୁ ଏକା
ରାଣ ଦେଇ ମୋତେ   କହିଛି ସେ କେତେ
ଅବିଳମ୍ବେ ଦେବ ଦେଖା   ।୧।

ତା' ଲାଗି କରିଛି   ତା'ର ମନ ଲାଖି
ଛେନା ମଣ୍ଡା ଖିରି ପିଠା
ପଖାଳ କୁ ଶାଗ   ଖୁଦଭଜା ଭୋଗ
ଲବଣୀ ଦହିର ମିଠା   ।୨।

କେଡ଼େ ଭାଗ୍ୟ ମୋର   ଆସିବେ ଠାକୁର
ମୋ ଘରକୁ ଆଜି ବୁଲି
ଆସିଲେ ଶଂଖାଳୀ   ବାନ୍ଧି ଦେବି ଦୋଳି
ଝୁଲିବେ ମୋ ବନମାଳୀ ।୩।

କେଡ଼େ ଯେ ସୁନ୍ଦର   କାଳିଆ ମୋହର
ଚକା ଚକା ଦୁଇ ଆଖି
ନ ଲାଗୁ କାହାର   ଅଶୁଭ ନଜର
ବାଟରେ ଆସିବା ଦେଖି ।୪।

ବସିଛି ମୁଁ ଭାବି   କି ଅବା କରିବି
ମନରେ ଆଶଙ୍କା ଭରି
କାଳେ କିଏ ଦେଖି   ନେବ ସିଏ ଡାକି
ମୋ କାଳିଆ ହାତ ଧରି ।୫।

ଆସେ ଢଳି ଢଳି   ଲଗାଇ ଗହଳି
ନାଟୁଆ ଲଗାଇ ନାଟ
ପ୍ରଭୁ ତୁମେ ଥରେ   ଆସ ମୋର ଘରେ
ଚାହିଁଛି ତୁମରି ବାଟ ।୬।

॥ ଜୟ ଜଗନ୍ନାଥ ॥

●

# ଲୁହରେ ଲେଖା ମୋ କପାଳ ରେଖା



॥ ସୁଚିତ୍ରା ଜେନା ॥

ଜନମିଲି ଯେବେ ମୁହିଁ ମାତୃ କୋଳରେ
ହରାଇଲି ମାଆକୁ ସେହି କ୍ଷଣରେ।।

କପାଳେ ଲେଖିଛି ଦୁଃଖ ତ ବିହି
ସହିପାରୁନି, କହିପାରୁନି ମୁହିଁ।।

ସାବତ ମାଆ ପାଶେ ବଢ଼ିଛି ମୁହିଁ
ମନର ଯନ୍ତ୍ରଣାକୁ କେହି ଜାଣିପାରନ୍ତି ନାହିଁ।।

ଧୀରେ ଧୀରେ ହୋଇଲି ଯେବେ ବଡ଼
ଆସିଲା ଜୀବନେ ଅନେକ ଝଡ଼।।

ଚାଲୁଥିଲି ମୁହିଁ ଏକା ଏକା
ତୁମ ସାଥେ ହୋଇଗଲା ଦେଖା।।

ଚାରି ଆଖିର ହେଲା ଯେବେ ମିଳନ
ଲାଖିଗଲା ତୁମରି ଠାରେ ଏ ମନ।।

ଦେଇଥିଲ ବଚନ ମଥାରେ ଭରିବ ବୋଲି ସିନ୍ଦୁର
ରାଣୀ କରି ରଖିବ ତୁମ ହୃଦୟର।।

ନିଜକୁ ବାନ୍ଧିଲ ଅନ୍ୟର ପ୍ରେମରେ
ଭରିଦେଲ ଲୁହ ମୋ ଦୁଇ ଆଖିରେ।।

ହୃଦୟେ ରହିଛି ଅନେକ କୋହ
ଓଠ ପିଉଛି ନିତି ଆଖିର ଲୁହ।।

ମୋ ପ୍ରେମରେ ନଥିଲା ଟିକେ ଛଳନା
କାହିଁ ଭାବିନେଲ ମୋତେ   ଖେଳନା ।।

ଦେଖିଥିଲି ମୁହିଁ ଅନେକ ସପନ
ସପନ ଭାଙ୍ଗି ହୋଇଗଲା ଚୂର୍ଣ୍ଣ।।

କରିଲ ଅନ୍ୟକୁ ଅତି ଆପଣାର
ହୋଇଗଲି  ମୁହିଁ ଯେ ସାତପର।।

ବିଶାଳ ସଂସାରେ ମୁହିଁ ତ ଏକା
କପାଳ ରେଖା ମୋ ଲୁହରେ ଲେଖା।।

ଏ ମାୟା ମୋହ ସଂସାର
କେହି ନୁହେଁ ଏଠି କାହାର।।

ତଥାପି ହସିହସି ନିଜ କରମ କରେ
ପାରି ହୋଇଯିବି ନିଶ୍ଚେ ଏ ଭବସାଗରେ।।

ଆସିଥିଲି ହାତକୁ କରି ଶୂନ୍ୟ
ଛଅ ଖଣ୍ଡ କାଠରେ ହେବି ମୁହିଁ ଲୀନ।।

●




କେନ୍ଦୁଝର

# ଦ୍ରାଘିମା ରେଖା





॥ ଶରତ ଚନ୍ଦ୍ର ଷଡ଼ଙ୍ଗୀ ॥

ଉଚ୍ଚକୂଳରେ ମୁଁ ଜନମି ଅଛିରେ
ଗରିବ କୋଳରେ ବଢିଛି ମୁହିଁ,
ମାଟିକୁଡ଼ିଆର ଛପର ତଳରେ
ସଂସାରକୁ ମୋର ଗଢୁଛି ରହି ।୧
ଜଂଜାଳଜାଲରେ ବାନ୍ଧିମୁଁ ହୋଇଛି
ଉପହାସ କରେ ସମୟ ଚକ,
ଅଟକି ନଯାଇ ବାଟରୁ ମୋହର
କର୍ମକରୁଥାଇ ହୋଇ ନିର୍ଭିକ ।୨
ପାଦକୁ ଛନ୍ଦୁଛି ସମସ୍ୟା ମୋହର
ସମାଧାନ ବାଟ ଖୋଜୁଛି ଭାବି,
ଦୁଃଖକୁ ମୋହର ଭୁଲିଯାଉଅଛି
ହସିହସି ସଦା ଅତୀତ ଭାବି ।୩
ଇତିହାସ ମୋର ଦୁଃଖର
ପାହାଡ ଶିଳାରେ
ଲେଖିଛି ଲହୁର ଧା,
ଜୀବନଟା ମୋର
ଭୂଗୋଳପୋଥିଟେ
ଜଂଜାଳ ମୋହର ଦ୍ରାଘିମା ଗାର ।୪
ମୋ ଫୁଲ ବଗିଚା ହସିବ ସେଦିନ
ଆଶା, ଆଶ୍ୱାସନା, ଭରଷା ପାଇ
ପ୍ରଧାନଚେରଟି ବଂଚିବ ମୋହର
ଢାଳିଦେବେ ନୀର ଏକାଠିହୋଇ ।୫

●

ପ୍ରଧାନଶିକ୍ଷକ,
ଦଳକ, ଓଡଗାଁ, ନୟାଗଡ
ମୋ - ୮୭୬୩୨୧୦୯୦୪.

# ॥ ବୋଝ ॥



ଯଶୋବନ୍ତ ପଟ୍ଟନାୟକ

ମୁଁ ବି କୁଆଁ କୁଆଁ କାନ୍ଦିଥିଲି-
ଠିକ୍ ପୁଅଟିଏ ପରି,
ଠୁକୁଠୁକୁ ଚାଲିଥିଲି ତୁମ ହାତଧରି,
ବୋଉ ହାତେ ଖାଇଥିଲି
ଜହ୍ନମାମୁଁ ଦେଖି ....
ଧୂଳିରେ ବି ଗଡ଼ିଥିଲି,
ବାଲିଘର ଗଢ଼ିଥିଲି,
ପାଠ ବି ତ ପଢ଼ିଥିଲି ତୁମ ନାଁ ରଖି ।।

ଜାଣିନି ମୁଁ କେତେବେଳେ-
ହେଇଗଲି ବଡ଼,
ଗାଁ ତୁଠ ପୋଖରୀରେ ପଡ଼ିଲା ପାହୁଡ଼,
କେବେ ବର୍ଷାରେ ଭିଜୁଥିଲି ଇନ୍ଦ୍ରଧନୁ ଦେଖି....
ମଉନ ବି ରହୁଥିଲି,
ଆନମନା ହେଉଥିଲି,
ସପନେ ବି ହଜୁଥିଲି ମେଲି ବେନିଆଖି ।।

ଠିକ୍ ସେଇଦିନୁ...
ଜାତକରେ କଲ ମୋର- ଜୀବନ ସଉଦା,
ସାଜିଦେଇ ପାଲିଙ୍କିରେ କରିଦେଲ ବିଦା,
ମୁଁ କିଆଁ ଏକା ସାତପର ହେଇଗଲି !
ମୁଁ ବି' ତ କାନ୍ଦୁଥିଲି,
ତୁମ ଲୁହ ପଢୁଥିଲି,
ତୁମେ ବୋଧେ ଭାବିନେଲ 'ବୋଝ' ଟିଏ ବୋଲି ।।

●


ଓଡ଼ଗାଁ, ନୟାଗଡ଼

# ସୁଖ ବି ଫେରି ଆସିବ



॥ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ॥

ସପନରେ ଭିଜା ଆଶା ଅସୁମାରୀ
ମନରେ କରିଛି ବସା
କଳ୍ପନା ବିଳାସୀ ମନଟା କହୁଛି
ପୂର୍ଣ୍ଣ ହେବ ଅଭିଳାଷା (୧)
ସାଧନା ପଥରେ ସଫଳତା ଯଦି
ପ୍ରତିବନ୍ଧକଟେ ହୁଏ
ଜୀବନର ଗାଡ଼ି ଚାଲିବ କିପରି ?
ଲକ୍ଷ୍ୟରୁ ବିଚ୍ୟୁତ ହୁଏ (୨)
ଯେଉଁ ହାତ ଉଠେ ଆଶୀର୍ବାଦ ପାଇଁ
ସେ ଯଦି ନିରାଶ କରେ
ପ୍ରାରମ୍ଭିକ କାର୍ଯ୍ୟ ବିଳମ୍ବ ହୁଅଇ
ନୈରାଶ୍ୟର ଅନ୍ଧକାରେ (୩)
ମନରେ ପୁଲକ ନେଇ ବହୁଥାଏ
ପର୍ବତୁ ଝରଣାଟିଏ
ଗତିପଥେ ତାର ପର୍ବତର ମାଳ
କରେ ଗୃହବନ୍ଦୀଟିଏ (୪)
କ୍ଷୁଦ୍ର ପକ୍ଷୀଟିଏ ନୀଳ ଆକାଶରେ
ଚାହେଁ ଯଦି ଉଡିବାକୁ
ଉଡିକି ପାରିବ ଦୁଇ ଡେଣା ତାର
ସାହାରା ନ ଦେଲେ ତାକୁ (୫)
ସବୁ ସମ୍ଭାବନା ଆଶା ବନ୍ଧନୀରେ
ପଡି ଛଟପଟ ହୁଏ
ସୁଯୋଗ ଖୋଜଇ ବାସ୍ତବ ହେବାକୁ
ଯଦି କେବେ ମିଳିଯାଏ (୬)
ନଦୀ ଚାହେଁ ସଦା ସାଗରେ ମିଶିବ
ପୂର୍ଣ୍ଣତା ଲଭିବା ପାଇଁ
ଏ ମନ ଖୋଜଇ ଆପଣା ଜନକୁ
ଦୁଃଖ ବଖାଣିବା ପାଇଁ   (୭)



ସମୟ ଜଗିଛି ଘାଟୁଆଳ ହୋଇ
ସପନ ହେବନି ପୂରା
ସ୍ୱପ୍ନିଳ ମନରେ ବାସନା ଜାଗିବ
ବାସ୍ତବ ଦେବନି ଧରା (୮)
ତଥାପି ବଞ୍ଚିବ ଆଶା ବିଶ୍ୱାସରେ
ସପନଟା ସତ ହେବ
ଆଜିର ଦୁଃଖଟା କାଲିକି ନ ଥିବ
ସୁଖ ବି ଫେରି ଆସିବ (୯)

●

ଶିକ୍ଷକ, ବିଡାନାସୀ, କଟକ

# ବାଣ ଗୋଦାମରେ ବିସ୍ଫୋରଣ ଚାଲିଗଲା ୧୩ ଜୀବନ

**କେରଳ :** କେରଳମର ଥ୍ରୀସୁର ଜିଲ୍ଲା ଅନ୍ତର୍ଗତ ମୁଣ୍ଡାଥିକୋଡେ ଅଞ୍ଚଳରେ ଥିବା ଗୋଟିଏ ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ। ଏଥିରେ ୧୩ ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। କେରଳମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ(କେଏସଡିଏମ)ର କହିବା କଥା ଯେ ଆହତ ହୋଇଥିବା ଲୋକଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ୨ ଜଣ ୱାର୍ଡରେ ଆଡମିଟ ହୋଇଥିବା ବେଳେ ଆଉ ୧୭ ଜଣ ସାମାନ୍ୟ ଆହତ ହୋଇଛନ୍ତି। କେରଳମ ସ୍ୱାସ୍ଥ୍ୟ ମନ୍ତ୍ରୀ ବୀଣା ଜର୍ଜ ସମସ୍ତ ଆହତଙ୍କୁ ବିଶେଷ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।



ବିସ୍ଫୋରଣ ଓ ଅଗ୍ନିକାଣ୍ଡ ବେଳେ ଗୋଦାମ ଭିତରେ ପ୍ରାୟ ୪୦ ଜଣ ଲୋକ ରହିଥିଲେ। ଅଧିକାଂଶ ଲୋକ ପୋଡ଼ି ଯାଇ ଆହତ କିମ୍ବା ପ୍ରାଣ ହରାଇଛନ୍ତି। ଏପ୍ରିଲ ୨୬ରେ ପଡୁଥିବା ଥ୍ରୀସୁର ପୋରାମ ପାଇଁ ବାଣ ତିଆରି ଚାଲିଥିବା ବେଳେ ଏତେ ବଡ଼ ଘଟଣା ଘଟିଥିବା ଜଣାପଡ଼ିଛି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ୨ ଲକ୍ଷ ଟଙ୍କା ଲେଖାଏ ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ଏହାବାଦ ସେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ ଶୋକ ପ୍ରକାଶ କରି ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି।

### ମଉରେ ସ୍କର୍ପିଓ-ଟ୍ରେଲର ଧକ୍କା

# ୫ଜଣ ମୃତ

**ମଉ :** ଉତ୍ତର ପ୍ରଦେଶର ମଉ ଜିଲ୍ଲାର ଦୋହରୀଘାଟ ଥାନା ଅଞ୍ଚଳର ବରସାତପୁର ଅହିରାଣୀ ହାଇୱେରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୩ଟା ବେଳେ ଘଟିଥିବା ସଡ଼କ ଦୁର୍ଘଟଣାରେ ପାଞ୍ଚ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସୂଚନା ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରୁଛି। ପୋଲିସ ଅଧିକ୍ଷକ କମଲେଶ ବହାଦୁରଙ୍କ କହିବା ଅନୁସାରେ, ଏକ ସ୍କର୍ପିଓ ଗାଡ଼ି ନିୟନ୍ତ୍ରଣ ହାରାଇ ନିଜ ଲେନ୍‌ରୁ ବାହାରି ଅନ୍ୟ ଲେନ୍‌କୁ ପହଞ୍ଚିଥିଲା ଏବଂ ସାମ୍ନାରୁ ଆସୁଥିବା ଟ୍ରେଲର ସହିତ ଭୟଙ୍କର ଧକ୍କା ଲାଗିଥିଲା। ଧକ୍କା ଏତେ ଭୟାବହ ଥିଲା ଯେ ସ୍କର୍ପିଓରେ ଥିବା ସମସ୍ତ ପାଞ୍ଚ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।



### ● ପ୍ରଧାନମନ୍ତ୍ରୀ ମୋଦିଙ୍କୁ

# 'ଆତଙ୍କବାଦୀ' କହିନି

ବିବାଦ

**ନୂଆଦିଲ୍ଲୀ :** ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିବା ବେଳେ ତାଙ୍କୁ ଜଣେ ଆତଙ୍କବାଦୀ ବୋଲି କହିଛନ୍ତି କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ। ମଙ୍ଗଳବାର ଗୋଟିଏ ସାମ୍ବାଦିକ ସମ୍ମିଳନୀରେ ଖଡଗେ ସିଧାସଳଖ ମୋଦିଙ୍କ ପ୍ରତି ଆତଙ୍କବାଦୀ ଶବ୍ଦ ପ୍ରୟୋଗ କରିବାରୁ ଏହାକୁ ନେଇ ବିବାଦ ଦେଖା ଦେଇଛି। ଖଡଗେ ଯଦିଓ ନିଜ ଆତଙ୍କବାଦୀ ଶବ୍ଦ ଉପରେ ସ୍ପଷ୍ଟୀକରଣ ରଖିଛନ୍ତି, କିନ୍ତୁ ବିଜେପି ଏହାକୁ ଆଦୌ ଗ୍ରହଣ କରିନାହିଁ। ବିଜେପି ପକ୍ଷରୁ କଂଗ୍ରେସକୁ ଅର୍ବାନ ନକ୍ସଲ ପାର୍ଟି ବୋଲି କୁହାଯାଇଛି। ଏଆଇଏଡିଏମକେ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ବିଜେପିକୁ ସାଥୀ ଭାବେ ବାଛି ଥିବାରୁ ଏହା ଉପରେ ଖଡଗେ ପ୍ରଶ୍ନ ଉଠାଇଥିଲେ। ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତି ସେ ଆତଙ୍କବାଦୀ ଶବ୍ଦର ବ୍ୟବହାର କରିଛନ୍ତି। ସେ କହିଛନ୍ତି, "ଏହି ଏଆଇଏଡିଏମକେ ଲୋକମାନେ ନିଜେ ଆନ୍ନାଦୁରାଇଙ୍କ ଫଟୋ ବ୍ୟବହାର କରୁଥିବା ବେଳେ କେମିତି ସେମାନେ ମୋଦିଙ୍କ ସହ ହାତ ମିଳାଇଲେ? ସେ ଜଣେ ଆତଙ୍କବାଦୀ। ତାଙ୍କ ଦଳ କେବେ ହେଲେ ବି ସମାନତା ଓ ନ୍ୟାୟରେ ବିଶ୍ୱାସ କରେନାହିଁ। ଏଆଇଏଡିଏମକେ ସେଭଳି ଲୋକଙ୍କ ସହ ହାତ ମିଳାଇଛି। ଏହାର ଅର୍ଥ ସେମାନେ ମଧ୍ୟ ଗଣତନ୍ତ୍ରକୁ ଦୁର୍ବଳ କରୁଛନ୍ତି। ସେମାନେ ଆନ୍ନାଦୁରାଇ, କାମରାଜ, ପେରିୟର, କାଲିଙ୍ଗର, ବାବା ସାହେବ ଆମ୍ବେଦକରଙ୍କ ଆଦର୍ଶକୁ ବି ଦୁର୍ବଳ କରୁଛନ୍ତି। କଂଗ୍ରେସ-ଡିଏମକେ ମେଣ୍ଟ ପୂର୍ବଭଳି କଲ୍ୟାଣକାରୀ, ସାମୂହିକ ଅଭିବୃଦ୍ଧି, ଗୁଣବତ୍ତାର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଲୋକଙ୍କୁ ପ୍ରଦାନ କରିବା ଜାରି ରଖିବେ।" ସମାନ ସାମ୍ବାଦିକ ସମ୍ମିଳନୀରେ ଖଡଗେଙ୍କୁ ଜଣେ ସାମ୍ବାଦିକ ଆତଙ୍କବାଦୀ ଶବ୍ଦ ବ୍ୟବହାରର ପ୍ରାସଙ୍ଗିକତା ସମ୍ପର୍କରେ ପଚାରିଥିଲେ। ଏହି ସମୟରେ ସେ ଏହା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, "ମୋଦି ସାଧାରଣ ଲୋକ ଓ ରାଜନୀତିକ ଦଳକୁ ଆତଙ୍କିତ କରୁଛନ୍ତି। ମୁଁ କେବେ ହେଲେ ସେ ଜଣେ ଆତଙ୍କବାଦୀ କହି ନାହିଁ। ମୋର କହିବାର ଅର୍ଥ ଥିଲା ଯେ ମୋଦି ସବୁବେଳେ ଧମକାଉଛନ୍ତି। ଇଡି, ଆଇଟି ଓ ସିବିଆଇ ଭଳି ପ୍ରତିଷ୍ଠାନ ତାଙ୍କ ହାତରେ ରହିଛି।

ସେ ସୀମା ପୁନଃ ନିର୍ଦ୍ଧାରଣ ମଧ୍ୟ ନିଜ ହାତକୁ ନେବାକୁ ଚାହୁଁଛନ୍ତି। ଏହି ପ୍ରସଙ୍ଗରେ ମୁଁ କହିଛି ଯେ ସେ ରାଜନୀତିକ ଦଳ ଓ ଲୋକଙ୍କୁ ଆତଙ୍କିତ କରୁଛନ୍ତି। ମୁଁ କେବେ ହେଲେ ସେ ଜଣେ ଆତଙ୍କବାଦୀ ବୋଲି କହିନି।" ଖଡଗେଙ୍କ ସ୍ପଷ୍ଟୀକରଣ ପରେ ମଧ୍ୟ ବିଜେପି ଏହାକୁ ସହଜରେ ଗ୍ରହଣ କରିପାରି ନାହିଁ। ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଗୋଟିଏ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ "କଂଗ୍ରେସ ହେଉଛି ଗୋଟିଏ ଅର୍ବାନ ନକ୍ସଲ ପାର୍ଟି। ଖାସ ଏଥିପାଇଁ ଖଡଗେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏପରି ଅପଶବ୍ଦ ପ୍ରୟୋଗ କରିଛନ୍ତି। ପ୍ରଥମଥର ଏପରି ଘଟିନି। ବାରମ୍ବାର ଏପରି ବିଷାକ୍ତ ଭାଷା ସମେତ ହତ୍ୟା ଧମକ ଦେବା ଗୋଟିଏ କଥାକୁ ସ୍ପଷ୍ଟ କରୁଛି ଯେ କଂଗ୍ରେସ ଦେଶ ବିରୋଧୀ ତତ୍ତ୍ୱଙ୍କ ରିମୋଟ କଣ୍ଟ୍ରୋଲ ବନି ଯାଇଛି।" କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ଏପରି ଶବ୍ଦ ପ୍ରଧାନମନ୍ତ୍ରୀ ଆସନ ପ୍ରତି ଅପମାନ ବୋଲି କହି ରାହୁଲ ଗାନ୍ଧି ଓ ଡିଏମକେ ସୁପ୍ରିମୋ ଏମକେ ଷ୍ଟାଲିନଙ୍କ କ୍ଷମା ଦାବି କରିଛନ୍ତି। ସେ କହିଛନ୍ତି, "କଂଗ୍ରେସ ଓ ଡିଏମକେ ଏତେ ତଳକୁ ଖସି ଯାଉଛନ୍ତି ଯେ ସେମାନେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ଜଣେ ଆତଙ୍କବାଦୀ କହୁଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ରାହୁଲ ଗାନ୍ଧି ଓ ଏମକେ ଷ୍ଟାଲିନ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ସମେତ ତାଙ୍କୁ ଭୋଟ ଦେଇଥିବା ଲୋକଙ୍କୁ କ୍ଷମା ମାଗନ୍ତୁ। କଂଗ୍ରେସ ଓ ଡିଏମକେ ଏପରି ବୟାନ ଦ୍ୱାରା ୧୪୦ କୋଟି ଭାରତୀୟଙ୍କ ସମେତ ୮ କୋଟି ତାମିଲ ଭାଇ ଭଉଣୀଙ୍କୁ ଅପମାନିତ କରିଛନ୍ତି। ଏହି ଅପବିତ୍ର ମେଣ୍ଟ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରି ଭାରତୀୟଙ୍କୁ ଆତଙ୍କବାଦୀ କହିଛି। ପ୍ରଧାନମନ୍ତ୍ରୀଙ୍କୁ ବ୍ୟକ୍ତିଗତ ସ୍ତରକୁ ଯାଇ ଟାର୍ଗେଟ କଲେ ମଧ୍ୟ ସେମାନଙ୍କ ନିର୍ବାଚନ ଭାଗ୍ୟ ବଦଳିବ ନାହିଁ।"

# ଯୁଦ୍ଧକାଳୀନ ଭିତ୍ତିରେ 'ମକ୍ ଡ୍ରିଲ୍', ଚିନ୍ତାରେ ପାକିସ୍ତାନ

**ନୂଆଦିଲ୍ଲୀ/ଶ୍ରୀନଗର :** ଭାରତର ପଶ୍ଚିମ ସୀମାରେ ବଢୁଛି ସାମରିକ ତତ୍ପରତା। ଦେଶର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ଯେ କୌଣସି ଜରୁରୀକାଳୀନ ପରିସ୍ଥିତି ବା ବିମାନ ଆକ୍ରମଣର ସଫଳ ମୁକାବିଲା ପାଇଁ ଜମ୍ମୁ-କାଶ୍ମୀରଠାରୁ ଆରମ୍ଭ କରି ପଞ୍ଜାବ ପର୍ଯ୍ୟନ୍ତ ଏକ ବ୍ୟାପକ



ସାମରିକ ଅଭ୍ୟାସ ବା 'ମକ୍ ଡ୍ରିଲ୍' ଆରମ୍ଭ ହୋଇଛି। ଗୃହ ମନ୍ତ୍ରଣାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ଅଭ୍ୟାସ ସୀମା ଆରପାରିରେ ଥିବା ପାକିସ୍ତାନ ପାଇଁ ଏବେ ବଡ଼ ଚିନ୍ତାର କାରଣ ପାଲଟିଛି। ୨୨ ଏପ୍ରିଲ୍ ୨୦୨୫ରେ ପହଲଗାମରେ ହୋଇଥିବା ବର୍ବରୋଚିତ ଆତଙ୍କବାଦୀ ଆକ୍ରମଣକୁ ଆଜି ଏକ ବର୍ଷ ପୂରିଛି। ଏହି ସମ୍ବେଦନଶୀଳ ଦିନକୁ ଦୃଷ୍ଟିରେ ରଖି ସମଗ୍ର ଜମ୍ମୁ-କାଶ୍ମୀରରେ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି। ବିଶେଷ କରି ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସେନା ଓ ଉଜଚର ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯାଇଛି। ୮୪ତମ ବାଟାଲିୟନ ପକ୍ଷରୁ ରାମବାନ ଜିଲ୍ଲାର ପିରା ହୋଟେଲ ନିକଟରେ ଏକ ବଡ଼ ଧରଣର ମକ୍ ଡ୍ରିଲ୍ କରାଯାଇଛି।

### ଇରାନକୁ ଟ୍ରମ୍ପଙ୍କ ଚେତାବନୀ

# ଚୁକ୍ତି ନହେଲେ ବୋମାମାଡ଼




**ୱାଶିଂଟନ୍ :** ଏପ୍ରିଲ ୨୨ରେ ଶେଷ ହେବ ଇରାନ-ଆମେରିକା ମଧ୍ୟରେ ଲାଗୁ ହୋଇଥିବା ଯୁଦ୍ଧ ବିରତି। ଏହା ପୂର୍ବରୁ ଇରାନ ସହ ସ୍ଥାୟୀ ଶାନ୍ତି ଚୁକ୍ତି ପାଇଁ ଆମେରିକା ପ୍ରତିନିଧି ପାକିସ୍ତାନରେ ଡେରା ପକାଇଛନ୍ତି। ବୁଧବାର ପାକିସ୍ତାନରେ ଶାନ୍ତି ଆଲୋଚନା ହେବାର ଅଛି। ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ପ୍ରଶଂସା କରିବା ସହ ଚେତାବନୀ ମଧ୍ୟ ଦେଇଛନ୍ତି। ଗୋଟିଏ ସାକ୍ଷାତକାରରେ ସେ କହିଛନ୍ତି, "ମୋତେ ଲାଗୁଛି ଆମେ ଗୋଟିଏ ଅତ୍ୟନ୍ତ ମଜବୁତ ବୁଝାମଣା ସ୍ଥିତିରେ ରହିଛୁ, ଯାହା ଅନ୍ୟ ରାଷ୍ଟ୍ରପତିମାନେ ୪୭ ବର୍ଷର ଶାସନ ମଧ୍ୟରେ କରି ପାରି ନଥିଲେ, ଆମେ ସେମିତି କିଛି କରିପାରିବୁ। ୪୭ ବର୍ଷର ରକ୍ତପିପାସୁ ଲୋକଙ୍କ ସହ କିଛି ବଡ଼ କରିବୁ।" ତାଙ୍କ କହିବା କଥା ଯେ ଆମେରିକା ବେଶ ସଫଳତାର ସହ ସେମାନଙ୍କ ସହ ଡିଲ କରୁଛି ଓ ଗୋଟିଏ ସମାଧାନ ସମ୍ଭବ ହେଲା ଭଳି ଲାଗୁଛି। ତଥାପି ସେ ଇରାନକୁ ଗୋଟିଏ ଚେତାବନୀ ଦେଇଛନ୍ତି। ସେମାନେ ଏହାକୁ ଗ୍ରହଣ କରିବେ କିମ୍ବା ପରିଣାମ ଭୋଗିବେ ବୋଲି କହିଛନ୍ତି। ଟ୍ରମ୍ପ କହିଛନ୍ତି, "ଯଦି ଇରାନ ବୁଝାମଣା କରି ନେଉଛି, ତା'ହେଲେ ସେମାନେ ନିଜକୁ ବହୁତ ଭଲ ସ୍ଥିତିକୁ ଆଣି ପାରିବେ। ସେମାନେ ପୁଣିଥରେ ଗୋଟିଏ ମଜବୁତ ରାଷ୍ଟ୍ର ଓ ଗୋଟିଏ ସୁନ୍ଦର ରାଷ୍ଟ୍ର ହୋଇପାରିବେ। ସେମାନଙ୍କ ପାଖରେ ଅଦ୍ଭୁତ ଲୋକ ରହିଛନ୍ତି। ସେମାନଙ୍କୁ ଯୁକ୍ତି ସଂଗତ ଓ ସାଧାରଣ ଜ୍ଞାନର ବ୍ୟବହାର କରିବାକୁ ପଡ଼ିବ।" ଆସନ୍ତାକାଲି ଯୁଦ୍ଧ ବିରତି ଶେଷ ହେଉଥିବା ବେଳେ ଏହାକୁ ଆଉ ବୃଦ୍ଧି କରିବା ମୁଡରେ ମଧ୍ୟ ଟ୍ରମ୍ପ ନଥିବା ସ୍ପଷ୍ଟ କରିଛନ୍ତି। ଏହାପୂର୍ବରୁ ଡିଲ ପାଇଁ ବିକଳ ହେଉଥିବା ଟ୍ରମ୍ପ ନିଜେ ଇରାନୀୟ ପ୍ରତିନିଧିଙ୍କ ସହ ଆଲୋଚନା କରିବାକୁ ମନ ବଳାଇଥିଲେ। ବୁଧବାର ଇସଲାମାବାଦରେ ହେବାକୁ ଥିବା ଶାନ୍ତି ଆଲୋଚନାରେ ଟ୍ରମ୍ପ ଭାଗ ନେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏଥିପାଇଁ ସେ ଦରକାର ପଡ଼ିଲେ ପାକିସ୍ତାନ ଗସ୍ତ କରିବେ କିମ୍ବା ଭିଡିଓ କନଫରେନ୍ସିଂ ଜରିଆରେ ଇରାନୀୟ ଅଧିକାରୀଙ୍କ ସହ ଫେସ ଟୁ ଫେସ କଥା ହେବେ ବୋଲି କହିଥିଲେ।

# ସୋମବାର ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତି

**ନୂଆଦିଲ୍ଲୀ :** ଭାରତ-ନ୍ୟୁଜିଲାଣ୍ଡ ସୋମବାର ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିରେ ସାମିଲ ହେବେ। ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର ଲକ୍ସନ ସୋମବାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଗତ ବର୍ଷ ଡିସେମ୍ବରରେ ଉଭୟ ଦେଶ ସହମତି ପ୍ରକାଶ କରିଥିଲେ। ଏହାଦ୍ୱାରା ଆଗାମୀ ୫ ବର୍ଷରେ ଦ୍ୱିପାକ୍ଷୀକ କାରବାରକୁ ୨ ଗୁଣ କରି ୫ ବିଲିୟନ ଡଲାର କରିବା ନେଇ ଲକ୍ଷ୍ୟ ରଖାଯାଇଛି। ଚୁକ୍ତି ପରେ ଭାରତୀୟ ସାମଗ୍ରୀ ଗୁଡ଼ିକ ନ୍ୟୁଜିଲାଣ୍ଡ ବଜାରରେ ଅବାଧରେ ପ୍ରବେଶ କରିବ। ସେହିଭଳି ଆଗାମୀ ୧୫ ବର୍ଷରେ ୨୦ ବିଲିୟନ ଡଲାର ଯାଏ ନିବେଶ ଆକୃଷ୍ଟ କରିବ ଭାରତ। ଭାରତ ଶତ ପ୍ରତିଶତ ରପ୍ତାନି ଉପରେ ଶୂନ ଟାରିଫ ଲାଗିବ ଓସିଏନିଆ ଅଞ୍ଚଳରେ ଏବେ ନ୍ୟୁଜିଲାଣ୍ଡର ଦ୍ୱିତୀୟ ବୃହତ ବାଣିଜ୍ୟିକ ସହଯୋଗୀ। ସେହିଭଳି ୪୯,୩୮୦ ଡଲାର ସହ ଏହି ଅଞ୍ଚଳରେ ଏକ ଉଚ୍ଚ ଆୟକାରୀ ଅର୍ଥନୀତି ହେଉଛି ନ୍ୟୁଜିଲାଣ୍ଡ।

**ଦୁଇ ଗୁଣା ହେବ ଦ୍ୱିପାକ୍ଷିକ କାରବାର**

ଭାରତର ପ୍ରାୟ ୪୫୦ ଉତ୍ପାଦ ଉପରେ ନ୍ୟୁଜିଲାଣ୍ଡ ୧୦% ଟାରିଫ ଲାଗୁ କରୁଛି। ଏସବୁ ଉତ୍ପାଦ ଉପରେ ବୟନ, ପୋଷାକ, ଚମଡା, ହେଡଗିଅର, ସେରାମିକ୍ସ, କାର୍ପେଟ, ଅଟୋମୋବାଇଲ, ଅଟୋ ଯନ୍ତ୍ରାଂଶ ଭଳି ଉତ୍ପାଦ ସାମଗ୍ରୀ ରହିଛି। ୨୦୨୫ରେ ଅତିରିକ୍ତ ୨.୨ ଟାରିଫ ଲଗାଇଛି ଏହି ଦେଶ। ଯାହା ଶୂନ କୁ ଖସିବ। କୃଷି ଉତ୍ପାଦନ ସହଭାଗିତା ଜରିଆରେ କୃଷକଙ୍କ ଉତ୍ପାଦକତା ବୃଦ୍ଧି ଏବଂ ସେମାନଙ୍କୁ ବିଶ୍ୱ ଭାଲ୍ୟୁ ଚେନ ସହ ଯୋଡି ହେବା ଉପରେ ଗୁରୁତ୍ୱ ଦିଆଯିବ। ଶ୍ରମ କୈନ୍ଦ୍ରିକ କ୍ଷେତ୍ର ଗୁଡ଼ିକ ଉପରେ ଶୂନ ଟାରିଫ ଯୋଗୁ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକର ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ଏହା ସହାୟକ ହେବ। ବୟନ, ପୋଷାକ, ଚମଡା, ଫୁଟୱେର, ଜେମ୍‌ସ ଆଣ୍ଡ୍ ଜୁଏଲେରୀ, ଇଞ୍ଜିନିୟରିଂ ଉତ୍ପାଦ ଏବଂ ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ଭଳି କ୍ଷେତ୍ର ଏହା ଦ୍ୱାରା ଲାଭବାନ ହେବେ। ସରକାରଙ୍କ ଏଫ୍‌ଟିଏ ବିବୃତ୍ତି ଅନୁସାରେ, ଭାରତ ୭୦.୦୩% ଟାରିଫ ଲାଇନରେ ବଜାର ସୁବିଧା ପ୍ରଦାନ କରିଥାଏ। ଅନ୍ୟପଟେ ୨୯.୦୩% ଟାରିଫ ଲାଇନକୁ ବାଦ ଦିଆଯାଇଛି। ତ୍ୱରିତ ଭିତ୍ତିରେ ୩୦% ଉତ୍ପାଦ ଉପରେ ଟାରିଫ ଉଚ୍ଛେଦ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଉତ୍ପାଦ ଉପରେ ଟାରିଫ ଉଚ୍ଛେଦ ହୋଇଥାଏ। କାଠ, ପଶମ, ମେଣ୍ଢା ମାଂସ ଏବଂ ଚମଡା ଭଳି ସାମଗ୍ରୀରେ ତ୍ୱରିତ ଟାରିଫ ହଟିଯିବ। ସେହିଭଳି ପେଟ୍ରୋଲିୟମ ଏବଂ ଅନ୍ୟ କିଛି ବର୍ଗର ଉତ୍ପାଦ ଉପରେ ୩ରୁ ୧୦ ବର୍ଷ ଉପରେ ଟାରିଫ ହଟାଯିବ। କ୍ଷୀର, କ୍ରିମ, ଦହି, ଛେନା ସହ ବିଭିନ୍ନ ବର୍ଗର କୃଷିଜାତ ସାମଗ୍ରୀ ବଜାରକୁ ଭାରତ ସୁରକ୍ଷିତ ରଖିଛି। ଟାରିଫ ଯୁଦ୍ଧ ଯୋଗୁ ଗତ ବର୍ଷ ଆମେରିକା ସହ ଦେଶର ବାଣିଜ୍ୟିକ ତିକ୍ତତା ଉପୁଜିଥିଲା। ଏଭଳି ସ୍ଥିତିରେ ଭାରତ ବିଶ୍ୱର ବିକଳ୍ପ ବଜାର ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଏହି କ୍ରମରେ ବିଭିନ୍ନ ଦେଶ ସହ ତ୍ୱରିତ ଭିତ୍ତିରେ ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ଫୋକସ କରିଛି ଦେଶ। ଏହା ଦ୍ୱାରା ଦେଶ ରପ୍ତାନି ବୃଦ୍ଧି ଉପରେ ଫୋକସ କରାଯାଇଛି।



### ଚାକରର ବର୍ବର କାଣ୍ଡ

# ତଣ୍ଟି ଚିପିଲା, ଦୁଷ୍କର୍ମ କଲା

**ନୂଆଦିଲ୍ଲୀ :** ବରିଷ୍ଠ ଆଇଆରଏସ୍ ଅଧିକାରୀଙ୍କ ଦିଲ୍ଲୀ ସ୍ଥିତ ଘରେ ବୁଧବାର ସକାଳେ ରାହୁଲ ମୀନା ଘଟାଇଥିଲା ଜଘନ୍ୟକାଣ୍ଡ। ପ୍ରାୟ ୧ ଘଣ୍ଟା ଧରି ସେ ଆଇଆରଏସ ଅଧିକାରୀଙ୍କ ଘରେ ଏମିତି କିଛି କରିଥିଲା, ଯାହା ପୂରା ଦେଶକୁ ଦୋହଲାଇ ଦେଇଛି। ରାହୁଲ ଘରର ସବୁ ସଦସ୍ୟଙ୍କ ରୁଟିନ ଠାରୁ ଆରମ୍ଭ କରି କେଉଁଠି କ'ଣ ରହିଛି, ସେସବୁ ଜାଣିଥିଲା। କାରଣ ଘଟଣା ଘଟାଇବାରୁ ମାସକ ପୂର୍ବରୁ ହିଁ ସେ ଏଠାରେ ସହାୟକ ଭାବେ କାମ କରୁଥିଲା। ୭ରୁ ୮ ମାସ ସହାୟକ ଭାବେ କାମ କରିବା ପରେ ଚାକିରିରୁ ମାସକ ତଳେ ତଡ଼ା ଖାଇଥିଲା ରାହୁଲ। ମଙ୍ଗଳବାର ରାତିରେ ପ୍ରଥମେ ରାହୁଲ ନିଜର ଅଲୱର ସ୍ଥିତ ଘର ପାଖରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିଲା। ଏହାପରେ ସେ ୧୦ ହଜାର ଟଙ୍କାରେ ଗୋଟିଏ ମୋବାଇଲ ଫୋନ ବିକ୍ରି କରିଥିଲା ଓ ୬ ହଜାର ଟଙ୍କା ଖର୍ଚ୍ଚ କରି କାରରେ ଦିଲ୍ଲୀ ଆସିଥିଲା। ଦିଲ୍ଲୀରେ ପହଞ୍ଚିବା ପରେ ନିଜର ପୂର୍ବତନ ମାଲିକ ତଥା ଆଇଆରଏସ୍ ଅଧିକାରୀଙ୍କ ଅମଳ କୋଳନୀ ସ୍ଥିତ ବାସଭବନରେ ପହଞ୍ଚିଥିଲା। ରାହୁଲ ଘରର ଦୈନିକ ରୁଟିନ ସହ ବେଶ ପରିଚିତ ଥିଲା। ସେ ଭଲ ଭାବେ ଜାଣିଥିଲା ଯେ ଯୁବତୀଙ୍କ ବାପା ମା' ସକାଳୁ ଜିମ ଯାଇଥିବେ। ଘରେ କେବଳ ଯୁବତୀ ଏକାକୀ ରହିଥିବେ। ଘରର ଅନ୍ୟ କର୍ମଚାରୀଙ୍କ ପାଇଁ ଚପଲଷ୍ଟାଣ୍ଡରେ ଚାବି ରଖାଯାଉଥିବା କଥା ସେ ଜାଣିଥିଲା।



**ଆଇଆର୍‌ସି ଅଧିକାରୀଙ୍କ ଘରେ ୧ ଘଣ୍ଟାର ହରର**

# ବେଙ୍ଗଲ ଓ ତାମିଲନାଡୁରେ ରେକର୍ଡ ମତଦାନ

**ପଶ୍ଚିମବଙ୍ଗରେ ୯୨.୫୮%**
**ତାମିଲନାଡୁରେ ୮୫.୧୧%**


**ପଶ୍ଚିମବଙ୍ଗ :** ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଓ ତାମିଲନାଡୁର ସମସ୍ତ ବିଧାନସଭା ପାଇଁ ଶେଷ ହୋଇଛି ଭୋଟିଂ। ସ୍ୱାଧୀନତା ପରେ ଏହି ଦୁଇ ରାଜ୍ୟରେ ଘଟିଥିବା ନ ଘଟଣା ଆଜି ମତଦାନରେ ଦେଖିବାକୁ ମିଳିଛି। ବେଙ୍ଗଲ ଓ ତାମିଲନାଡୁରେ ହୋଇଛି ରେକର୍ଡ ଭୋଟିଂ। ପ୍ରଥମ ପର୍ଯ୍ୟାୟରେ ବେଙ୍ଗଲର ୧୫୨ଟି ଆସନ ପାଇଁ ଭୋଟିଂ ହୋଇଛି। ସନ୍ଧ୍ୟା ୭ଟା ସୁଦ୍ଧା ଏଠାରେ ରେକର୍ଡ ୯୧.୪୬% ଭୋଟିଂ ହୋଇଛି। ଏବେ ବି କିଛି ବୁଥରେ ଲୋକଙ୍କ ଭିଡ଼ ଜମି ରହିଥିବାରୁ ମତଦାନ ହାର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ତାମିଲନାଡୁର ସମସ୍ତ ୨୩୪ ବିଧାନସଭା ଆସନ ପାଇଁ ଆଜି ଗୋଟିଏ ପର୍ଯ୍ୟାୟରେ ମତଦାନ ଶେଷ ହୋଇଛି। ତାମିଲନାଡୁରେ ମଧ୍ୟ ରେକର୍ଡ ୮୪.୪୧% ମତଦାନ ହୋଇଛି। ରେକର୍ଡ ସଂଖ୍ୟକ ମତଦାନ ହୋଇଥିବାରୁ ଏହାକୁ ଭାରତୀୟ ନିର୍ବାଚନ କମିଶନ ପ୍ରଶଂସା କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ସ୍ୱାଧୀନତା ପରେ ପ୍ରଥମଥର ପାଇଁ ଭୋଟିଂ ହାର ରେକର୍ଡ କରିଛି। ଏହା ଭାରତୀୟ ଗଣତନ୍ତ୍ର ପାଇଁ ଗୋଟିଏ ଐତିହାସିକ ମୁହୂର୍ତ୍ତ। ବେଙ୍ଗଲ ଓ ତାମିଲନାଡୁର ପ୍ରତିଟି ଭୋଟରଙ୍କୁ ଭାରତୀୟ ନିର୍ବାଚନ କମିଶନ ସଲାମ କରୁଥିବା ଶ୍ରୀ କୁମାର କହିଛନ୍ତି। ତାମିଲନାଡୁରେ ମତଦାନ ବେଶ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ବେଳେ ବେଙ୍ଗଲରେ ଭୋଟିଂ ବେଳେ ବ୍ୟାପକ ହିଂସାକାଣ୍ଡ ଦେଖିବାକୁ ମିଳିଛି। କେଉଁଠି ପ୍ରାର୍ଥୀଙ୍କୁ ଆକ୍ରମଣ କରାଯାଇଛି ତ ଆଉ କେଉଁଠି ବୁଥ ଜାମର ଅଭିଯୋଗ ଆସିଛି। ସେହିପରି କିଛି ସ୍ଥାନରେ ଲୋକଙ୍କୁ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷାକର୍ମୀଙ୍କୁ ଲାଠିଚାର୍ଜ ମଧ୍ୟ କରିବାକୁ ପଡ଼ିଛି। ଆସନସୋଲର ବିଜେପି ପ୍ରାର୍ଥୀ ଅଗ୍ନିମିତ୍ର ପଲଙ୍କ ଗାଡ଼ି ଉପରେ ରହମତନଗର ଠାରେ ଆକ୍ରମଣ ହୋଇଛି। ସେ ପୁଲିଂ ବୁଥ ବୁଲିବାକୁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ଅସନସୋଲ ଦକ୍ଷିଣର ବିଧାୟକଙ୍କ କାରକୁ ପଥର ମାଡ଼ କରାଯିବାରୁ ଏହାକୁ ଭାଙ୍ଗି ଯାଇଛି। ଏଥିରେ ବିଧାୟକ ପଲଙ୍କ ବ୍ୟକ୍ତିଗତ ସହାୟକ ଓ ସୁରକ୍ଷା ଅଧିକାରୀ ଆହତ ହୋଇଛନ୍ତି। ଦକ୍ଷିଣ ଦିନାଜପୁର ଜିଲ୍ଲାର କୁମାରଗଞ୍ଜ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ସରକାର ବୁଥ ଜାମ ଖବର ପାଇଁ ତୁରନ୍ତ ସେଠାରେ ପହଞ୍ଚିଥିଲେ। କିନ୍ତୁ ଏହାପରେ ସେଠାରେ ଫିଲ୍ମ ଷ୍ଟାଇଲରେ ସବୁ କିଛି ଘଟିଥିଲା। ସେଠାରେ ଶୁଭେନ୍ଦୁ ସରକାରଙ୍କୁ କିଛି ଲୋକ ଘେରି ଯାଇ ଚାଲି ଯିବାକୁ କହୁଛନ୍ତି। ଜଣେ ପୁଲିସ୍ କର୍ମଚାରୀ ତାଙ୍କୁ ସୁରକ୍ଷା ଦେଇ ଭିଡ଼ ଭିତରୁ ବାହାରକୁ ନେବାକୁ ଚାହୁଁଛନ୍ତି। ତଥାପି କିଛି ଲୋକ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟୁଥିବା ଦେଖା ଯାଉଛି।



### ■ ବେଙ୍ଗଲ ଭୋଟିଂ ବେଳେ ବ୍ୟାପକ ହିଂସାକାଣ୍ଡ

# ଆକ୍ରମଣ, ପଥର ମାଡ଼ ଓ ସଂଘର୍ଷ

- ମୁର୍ଶିଦାବାଦରେ ଟିଏମସି ବନାମ କବିର
- ଆସନସୋଲରେ ବିଜେପି ନେତାଙ୍କ କନଭୟ ଉପରେ ଆଟାକ
- ଦିନାଜପୁରରେ ବିଜେପି ପ୍ରାର୍ଥୀଙ୍କୁ ମାଡ଼



**ପଶ୍ଚିମବଙ୍ଗ :** ସଂଘର୍ଷ, ପଥର ମାଡ଼ ଓ ଭୋଟରଙ୍କୁ ଧମକାଇବା ଅଭିଯୋଗ ମଧ୍ୟରେ ବେଙ୍ଗଲରେ ଶେଷ ହୋଇଛି ପ୍ରଥମ ପର୍ଯ୍ୟାୟ ମତଦାନ। ଆଜି ପଶ୍ଚିମବଙ୍ଗ ବିଧାନସଭାର ୧୫୨ଟି ଆସନ ପାଇଁ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଛି। ସନ୍ଧ୍ୟା ୫ଟାରେ ଭୋଟିଂ ସମୟ ଶେଷ ହୋଇଛି। କିନ୍ତୁ ବିଭିନ୍ନ ସ୍ଥାନରେ ଧାର୍ଯ୍ୟ ସମୟ ପୂର୍ବରୁ ଲୋକଙ୍କ ଲମ୍ବା ଲାଇନ ଲାଗିଥିବାରୁ ସେଠାରେ ମତଦାନ ଚାଲିଛି। ଏସଆଇଆର ପରେ ପ୍ରଥମଥର ବେଙ୍ଗଲବାସୀ ଭୋଟ ଦେଉଥିବା ବେଳେ ବିଜେପି କ୍ଷମତାକୁ ଫେରିବାକୁ ଫୁଲ ଦମରେ ଲାଗି ପଡ଼ିଛି। କ୍ଷମତାସୀନ ଟିଏମସି ମଧ୍ୟ ଭୋଟରଙ୍କୁ ବାନ୍ଧି ରଖିବାକୁ କୌଣସି ପ୍ରକାରର ସୁଯୋଗ ହାତ ଛଡ଼ା କରିନାହିଁ। ଏସବୁ ଭିତରେ ଆଜି ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ବେଙ୍ଗଲରେ ବ୍ୟାପକ ହିଂସାକାଣ୍ଡ ଦେଖିବାକୁ ମିଳିଛି। ବିଭିନ୍ନ ଜିଲ୍ଲାରେ ରାଜନୀତିକ ଦଳର କର୍ମୀଙ୍କ ମଧ୍ୟ ରକ୍ତାକ୍ତ ସଂଘର୍ଷ ହୋଇଛି। ଭଙ୍ଗାରୁଜା ଓ ବୋମାମାଡ଼ ମଧ୍ୟ ରାଜ୍ୟକୁ ଅଶାନ୍ତ କରିଛି। ସ୍ଥିତି ବିଗୁଡୁ ଥିବାରୁ ସୁରକ୍ଷା ବଳକୁ ଲାଠିଚାର୍ଜ ମଧ୍ୟ କରିବାକୁ ପଡ଼ିଛି। ମୁର୍ଶିଦାବାଦର ନୋଓ୍ୱାଡା ଠାରେ ଏଜେୟୁପି ମୁଖ୍ୟ ହୁମାୟୁନ କବିର ଓ ଟିଏମସି କର୍ମୀଙ୍କ ମଧ୍ୟ ସଂଘର୍ଷ ଦେଖିବାକୁ ମିଳିଛି। କବିର ଏଠାରେ ଗୋଟିଏ ବୁଥକୁ ଯାଉଥିବା ବେଳେ ଟିଏମସି କର୍ମୀମାନେ ଏହାକୁ ବିରୋଧ କରିଥିଲେ। ଟିଏମସିରୁ ବହିଷ୍କୃତ ହେବା ପରେ କବିର ନିଜସ୍ୱ ଦଳ ଗଠନ କରିଛନ୍ତି। ସେ ବୁଥ ବୁଲିବାକୁ ଯାଉଥିବା ବେଳେ ତାଙ୍କୁ ଶତାଧିକ ଟିଏମସି କର୍ମୀ ଘେରି ଯାଇଥିଲେ ଓ ବିଜେପି ଏଜେଣ୍ଟ ବୋଲି କହିଥିଲେ। କବିରଙ୍କ ସମର୍ଥକ ଏହାକୁ କାଉଣ୍ଟର କରିବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ସ୍ଥିତି ଦେଖାଯାଇଥିଲା। ଏହା ବିରୋଧରେ କବିର ଘଟଣାସ୍ଥଳରେ ହିଁ ଧାରଣା ଦେଇଥିଲେ। ତାଙ୍କ ଗାଡ଼ିକୁ ଭଙ୍ଗା ରୁଜା କରାଯାଇଥିବା ବେଳେ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପୁଲିସ୍ ? ଲାଠି ଚାର୍ଜ ମଧ୍ୟ କରିଥିଲା। ଆସନସୋଲର ବିଜେପି ପ୍ରାର୍ଥୀ ଅଗ୍ନିମିତ୍ର ପଲଙ୍କ ଗାଡ଼ି ଉପରେ ରହମତନଗର ଠାରେ ଆକ୍ରମଣ ହୋଇଛି। ସେ ପୁଲିଂ ବୁଥ ବୁଲିବାକୁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ଅସନସୋଲ ଦକ୍ଷିଣର ବିଧାୟକଙ୍କ କାରକୁ ପଥର ମାଡ଼ କରାଯିବାରୁ ଏହାକୁ ଭାଙ୍ଗି ଯାଇଛି। ଏଥିରେ ବିଧାୟକ ପଲଙ୍କ ବ୍ୟକ୍ତିଗତ ସହାୟକ ଓ ସୁରକ୍ଷା ଅଧିକାରୀ ଆହତ ହୋଇଛନ୍ତି। ଘଟଣା ପରେ ଦଙ୍ଗା ବେଳେ ସୁରକ୍ଷା ଅଧିକାରୀ ପିନ୍ଧୁଥିବା ହେଲମେଟ ପିନ୍ଧିଥିଲେ ପଲ୍। ଏହାର ଫଟୋ ମଧ୍ୟ ସାମ୍ନାକୁ ଆସିଛି।


# ଶିକ୍ଷାନୁଷ୍ଠାନ ନୁହେଁ, ମଣିଷ ତିଆରି କାରଖାନା

■ **କଟକ (ହର୍ଷିକା) :** କଟକ ସହରରେ ଅନେକ ଶିକ୍ଷାନୁଷ୍ଠାନ ରହିଛି । ସେଥି ମଧ୍ୟରୁ ଅନ୍ୟତମ ଶିକ୍ଷାନୁଷ୍ଠାନ ହେଉଛି କଟକ ବକ୍ସିବଜାର ବଣିଆ ସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର। ଏହା ଏକ ଛୋଟ ବିଦ୍ୟାଳୟ ହୋଇଥିଲେ ମଧ୍ୟ ନିଜ ଶିକ୍ଷାଦାନ ପଦ୍ଧତିକୁ ନେଇ ଏହି ଶିକ୍ଷାନୁଷ୍ଠାନ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ। କାରଣ ଶିକ୍ଷାଦାନକୁ ବାଦ ଦେଲେ ଏହି ବିଦ୍ୟାଳୟରେ କ୍ରୀଡା, ଯୋଗ, ନୃତ୍ୟ, ସଙ୍ଗୀତ ଆଦିକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଏ। ଶିକ୍ଷାନୁଷ୍ଠାନର ୧୯ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋଷ। ଏହି ପରିପ୍ରେକ୍ଷୀରେ ସୋଫିଆ କହିଛନ୍ତି ଯେ, ଏକ ବିଦ୍ୟାଳୟରେ କେବଳ ଅଧ୍ୟୟନ କଲେ ତାହା ଶିକ୍ଷାନୁଷ୍ଠାନ ହୋଇଯାଏ ନାହିଁ। ପ୍ରକୃତରେ ବିଦ୍ୟାଳୟ ତାକୁ କୁହାଯାଏ ଯେଉଁଠି ଗୋଟିଏ ବିଦ୍ୟା ସହ ଶିଶୁ ଏକକାଳୀନ ପାଠ୍ୟକ୍ରମ କାର୍ଯ୍ୟକ୍ରମକୁ ଶିଖିବାରେ ସଫଳ ହୁଏ। ସଂକ୍ଷେପରେ କହିବାକୁ ଗଲେ ଏହି ବିଦ୍ୟାଳୟ ବିଦ୍ୟାଦାନ ପାଇଁ ଯେତିକି ପରିଚିତ ତା ଠାରୁ ଏହା ଏକ ମଣିଷ ତିଆରି କାରଖାନା ଭାବେ ସୁପରିଚିତ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ମାହାନା , ନିତାଇ ଚରଣ ନନ୍ଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



# ରଥଯାତ୍ରା କର୍ଡନ୍ ପାସ୍ ବଣ୍ଟାରେ ଲାଗିବ ଅଙ୍କୁଶ

■ **ଭୁବନେଶ୍ୱର (ହର୍ଷିକା) :** ଏଥର ରଥଯାତ୍ରାରେ କର୍ଡନ୍ ପାସ୍ ବଣ୍ଟା ଉପରେ ଲାଗିବ ଅଙ୍କୁଶ। ରଥ କର୍ଡନ ଭିତରକୁ ଅଧିକ ସଂଖ୍ୟକ ପାସ୍ ଧାରୀଙ୍କ ପ୍ରବେଶ ରହୁଥିବାରୁ ରଥଟଣାରେ ଅସୁବିଧା ଉପୁଜୁଛି। ଏଥିପାଇଁ ଏଥର କର୍ଡନ ପାସ୍ ସଂଖ୍ୟା ବହୁସଂଖ୍ୟାରେ କମାଇବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ହୋଇଛି। ଏଥିସହ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ବଣ୍ଟନ ଉପରେ ମଧ ଅଙ୍କୁଶ ଲାଗିବ। ଶନିବାର ଲୋକସେବା ଭବନରେ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆସନ୍ତା ଜୁଲାଇରେ ହେବାକୁ ଥିବା ରଥଯାତ୍ରା ସମ୍ପର୍କିତ ସମୀକ୍ଷା ବୈଠକରେ ଏହା କୁହାଯାଇଛି।



# ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ



■ **ଢେଙ୍କାନାଳ (ହର୍ଷିକା) :** ଜିଲ୍ଲା କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଶ୍ରୀ ଆଶିଷ ଇଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତ ମାର୍ଚ୍ଚ ମାସରେ ଜିଲ୍ଲାରେ ଅଧିକ ଦୁର୍ଘଟଣା ଘଟିବା ସହିତ ଅଧିକ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ହେତୁ ସମସ୍ତ ରାସ୍ତା ଡ଼ିଭାଇଡ଼ର ସ୍ଥାନରେ ଆବଶ୍ୟକ ଚିହ୍ନଟ ଫଳକ ଲଗାଇବାକୁ, ସମସ୍ତ ହମ୍ପସକୁ ଧଳାରଙ୍ଗରେ ଚିହ୍ନଟ କରିବା ସହିତ ସାଇନେଜ ଲଗାଇବାକୁ ଏବଂ ସ୍କୁଲ ଓ ଦୁର୍ଘଟଣା ପ୍ରବଣ ସ୍ଥାନଗୁଡ଼ିକରେ ସାଇନେଜ ଓ ବାରିକେଡିଂର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବ୍ଲାକ ସ୍ପଟ ଗୁଡ଼ିକରେ ଦୁର୍ଘଟଣା ପରେ ତୁରନ୍ତ ଉଦ୍ଧାର ଓ ଚିକିତ୍ସା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ । କଲେଜ ବାଇପାସ ଠାରୁ କୋରିଆଁ ଛକ ପର୍ଯ୍ୟନ୍ତ ଆଲୋକିକରଣ କାର୍ଯ୍ୟ ଶୀଘ୍ର ସାରିବାକୁ ଜିଲ୍ଲାପାଳ ଜାତୀୟ ରାଜପଥର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କଲେଜ ବାଇପାସ ସ୍ଥିତ ଡ୍ରେନ୍ କାର୍ଯ୍ୟ ଓ ଫ୍ଲାଏ ଓଭର ତଳ ବାଇପାସ ରାସ୍ତାକୁ ଯଥାଶୀଘ୍ର ସଂପୂର୍ଣ୍ଣ କରିବାକୁ କହିଥିଲେ। ଦୁର୍ଘଟଣାକୁ ରୋକିବା ପାଇଁ ଜିରିଡ଼ାମାଳି, କାମାକ୍ଷାନଗର, ଭୁବନ କାଳି ବଜାର, କୁରୁମ ଟାଙ୍ଗର ଆଦି ଛକ ଗୁଡ଼ିକରେ କଂକ୍ରିଟ ବ୍ଲକ୍ ରଖି ଗାଡ଼ି ଚଳାଚ଼ଳ ନିୟନ୍ତ୍ରଣ ପାଇଁ ଆଲୋଚନା ହୋଇଥିଲା । ବସ୍ ଷ୍ଟାଣ୍ଡ ପରିସରରେ ବସ୍ ଯାତାୟତର ସମୟ ନିର୍ଘଣ୍ଟ ଥିବା ସ୍ଥାୟୀ ଫଳକ ଲଗାଇବାକୁ ଜିଲ୍ଲାପାଳ କହିଥିଲେ। ଅନୁଗୁଳରୁ ଆଠଗଡ଼ ଦେଇ ଖୁଣ୍ଟୁଣୀ ପର୍ଯ୍ୟନ୍ତ ପ୍ରାୟ ୧୦୦ କି.ମି. ରାସ୍ତାକୁ ରାଜ୍ୟ ରାଜପଥର (୬୫୫ ନଂ) ମାନ୍ୟତା ପ୍ରଦାନ କରାଯାଇଛି ବୋଲି ରାସ୍ତା ଓ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଜୟନ୍ତ ପ୍ରସାଦ ନାୟକ ସୂଚନା ଦେଇଛନ୍ତି । ଗତ ମାର୍ଚ୍ଚ ମାସରେ ୫୭ ଟି ଦୁର୍ଘଟଣା ଘଟି ମୋଟ ୪୩ ଜଣ ଆହତ ହୋଇଥିବା ବେଳେ ୨୧ ଜଣ ମୃତ୍ୟୁବରଣ କରିଛନ୍ତି, ଗତ ବର୍ଷ ମାର୍ଚ୍ଚ ସୁଦ୍ଧା ରାସ୍ତା ଦୁର୍ଘଟଣାରେ ୬୦ ଜଣ ମୃତ୍ୟୁ ବରଣ କରିଥିବା ବେଳେ ଚ଼ଳିତ ବର୍ଷ ମାର୍ଚ୍ଚସୁଦ୍ଧା ୫୧ ଜଣ ମୃତ୍ୟୁ ବରଣ କରିଛନ୍ତି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସୂଚ଼ନା ଦେଇଛନ୍ତି । ରାସ୍ତାରେ ଯାଞ୍ଚ ସମୟରେ, ୯୨ ଜଣ ମଦ୍ୟପ ଗାଡ଼ି ଚାଳକ, ୮୯ ଟି ୨ ଚକିଆ ଗାଡ଼ିରେ ୩ ଜଣିଆ ଯାତ୍ରୀ, ୩୬୦ ଜଣ ମୋବାଇଲ ବ୍ୟବହାରକାରୀ, ୩୮୧ ବିନା ସିଟବେଲଟ୍ ପିନ୍ଧା ଗାଡ଼ି ଚାଳକ ଏବଂ ୧୧୮୯ ଜଣ ବିନା ହେଲମେଟ ଗାଡ଼ି ଚାଳକଙ୍କୁ ଚିହ୍ନଟ କରାଯାଇ ଜରିମାନ କରାଯାଇଛି । ୧୫୪୧ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଶିବାଶିଷ ସାହୁ ପ୍ରକାଶ କରିଛନ୍ତି । ଏହି ବୈଠକରେ, ସଦର ଉପ-ଜିଲ୍ଲପାଳ ଶ୍ରୀ ବିବୁଧ ଗଡ଼ନାୟକ, କମିଟିର ସମସ୍ତ ସଦସ୍ୟ, ସଂପୃକ୍ତ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ୧୯୬ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ପ୍ରଦାନ



■ **କଟକ (ହର୍ଷିକା) :** କଟକ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସଦୟ ଉପସ୍ଥିତିରେ ପାଳିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କହିଲେ ଯେ, ସମସ୍ତ ଗ୍ରାମାଞ୍ଚଳର ବିକାଶ ହେବା ସହ ସେଠାରେ ରହୁଥିବା ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ତଥା ଯୁବପିଢ଼ିଙ୍କୁ ଅଗ୍ରାଧିକାର ଦେବା ସହ ରାଜ୍ୟ ସରକାର ଲକ୍ଷ୍ୟ ନେଇ ଆଜି ପଞ୍ଚାୟତି ରାଜ ଦିବସ ପାଳନ କରୁଛନ୍ତି। ନିଜର ଅଭିଭାଷଣ ମାଧ୍ୟମରେ ବିଧାୟକ ମହୋଦୟ ସମଗ୍ର ଭାରତ ବର୍ଷ ଓ ଓଡିଶା ମାଟିର ବିକାଶ ଦିଗରେ ସମସ୍ତେ କାନ୍ଧରେ କାନ୍ଧ ମିଶାଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଗାଁ ଗାଁରେ ଜଳ ଜୀବନ ମିଶନ ମାଧ୍ୟମରେ ପାନୀୟ ଜଳ ଯୋଗାଣ, ରାସ୍ତା ନିର୍ମାଣ, ଅନ୍ତୋଦୟ ଗୃହ ଯୋଜନା ଜରିଆରେ କିପରି ପ୍ରତ୍ୟେକ ବ୍ୟକ୍ତିର ବିକାଶ ହୋଇପାରୁଛି ସେ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥାରେ ସାଧାରଣ ଜନତା ଓ ଜନ ପ୍ରତିନିଧିମାନେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବା ସହ ଗ୍ରାମାଞ୍ଚଳର ସମଗ୍ର ବିକାଶରେ ସାମିଲ ହେବାକୁ ସେ ପରାମର୍ଶ ଦେଇଥିଲେ।

ଜିଲ୍ଲାସ୍ତରୀୟ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜିଲ୍ଲାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତାର ସହ ସମସ୍ତ କାର୍ଯ୍ୟ କରାଯିବ ବୋଲି କହିଥିଲେ । ବୈଠକର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ କଟକ ସଦର ଅଞ୍ଚଳର ୧୯୬ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ଜାରି କରାଯାଇଛି ଏବଂ ୧୦ ଜଣଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ସମ୍ପୂର୍ଣ୍ଣ ଗୃହ ନିର୍ମାଣ ନିମନ୍ତେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏଥିସହ ଗ୍ରାମ ପଞ୍ଚାୟତ ମାନଙ୍କରେ ଉଲ୍ଲେଖନୀୟ ସେବା ନିମନ୍ତେ ସରପଞ୍ଚ ଓ ବିଭିନ୍ନ ଅନୁଷ୍ଠାନ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ବଲାଙ୍ଗୀର ଜିଲ୍ଲା ରେ ଅନୁଷ୍ଠିତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଡି ହୋଇ ସମଗ୍ର ରାଜ୍ୟର ଜନପ୍ରତିନିଧି ଓ ଅଧିକାରୀଙ୍କୁ ସମ୍ବୋଧନ କରିଥିଲେ। ଏହି ଅବସରରେ କଟକ ସଦର ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ରାଉତ, କଟକ ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, କଟକ ସଦର ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରତୀକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସମେତ ଏବଂ ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ପଞ୍ଚାୟତର ସଦସ୍ୟ ସଦସ୍ୟା ମାନେ ମଧ୍ୟ ଉପସ୍ଥିତ ଥିଲେ।

## ଅନ୍ନପୂର୍ଣ୍ଣା ବନାମ ୱାନ ନେସନ ୱାନ ରେସନ !


# ଜିଲ୍ଲାପାଳଙ୍କ ଦୃଷ୍ଟି ଅବଗତ

■ **କଟକ (ହର୍ଷିକା) :** ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ଗୋଟିଏ ପଟେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ମାଝୀ , ଗୋଟିଏ ପଟେ ସାଧାରଣ ଲୋକଙ୍କ ପାଇଁ ୱାନ ନେସନ ୱାନ ରେସନର ଯୋଜନା ଅନ୍ୟପଟେ ରାଜ୍ୟରେ ଲାଗୁ ହୋଇଥିବା ଅନ୍ନପୂର୍ଣ୍ଣା ଯୋଜନା। ଯାହାକୁ ନେଇ ବର୍ତ୍ତମାନ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ୱାନ ନେସନ ୱାନ ରେସନର ବାଟ ଓଗାଳୁଛି ଅନ୍ନପୂର୍ଣ୍ଣା ଯୋଜନା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଯାହାକୁ ନେଇ କଟକ ରିଟେଲ ଡିଲର ସଂଘ ସ୍ୱର ଉଠାଇବା ସହ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, କରୋନା ମହାମାରୀ ସମୟରୁ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ସଂଘ ଯୋଗାଇ ଆସୁଛି। ଏ ବାବଦରେ ଡିଲରମାନେ ଯେଉଁ ପ୍ରାପ୍ୟ ପାଇବା କଥା ସେ ନେଇ ବାରମ୍ବାର ଦାବି ଉଠିବା ପରେ ସରକାର ଏହାକୁ ୨୯.୩.୨୦୨୬ ଭିତରେ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଡିଲରମାନେ ଏହି ପ୍ରାପ୍ୟରୁ ବଞ୍ଚିତ ଅଛନ୍ତି। ଯେଉଁଥିପାଇଁ ଏହାକୁ ପ୍ରଶାସନର ବେପରୁଆ ମନୋଭାବ ବୋଲି କୁହାଯାଇଛି। ଏହାକୁ ନେଇ ଏକ ଦାବିପତ୍ର ମଧ୍ୟ କଟକ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଏନଏମଏସ ଓ ଏସଏଏସକୁ ନେଇ ବର୍ତ୍ତମାନ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲାଗୁ ହୋଇଥିବା ୱାନ ନେସନ ୱାନ ରେସନ ଯୋଜନା ଅନୁଯାୟୀ ସାଧାରଣ ଲୋକ ଯେଉଁଠୁ ଚାହିଁବେ ନିଜର ଖାଦ୍ୟ ସାମଗ୍ରୀ ସଂଗ୍ରହ କରିପାରିବେ। ହେଲେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ବର୍ତ୍ତମାନ ଯେଉଁ ନିୟମ ହୋଇଛି ତାଦ୍ୱାରା ଲୋକ ଉପକୃତ ହେବା କଷ୍ଟକର। ବିଶେଷ କରି କଟକ ଏକ ବ୍ୟସ୍ତବହୁଳ ସହର ହୋଇଥିବା ବେଳେ ଏଠାରେ ଅନ୍ନପୂର୍ଣ୍ଣା ଯୋଜନାକୁ ନେଇ କାର୍ଡଧାରୀ ଓ ଖୁଚୁରା ବିକ୍ରେତାଙ୍କ ମଧ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହୁଛି। ଏଣୁ ଯେଉଁଭଳି ଜାତୀୟ ଖାଦ୍ୟ ସୁରକ୍ଷା ନିୟମରେ ୱାନ ନେସନ ୱାନ ରେସନର ନିୟମ ରହିଛି ସେହିଭଳି ଅନ୍ନପୂର୍ଣ୍ଣା ଯୋଜନାକୁ କାର୍ଯ୍ୟରୀ କରାଯାଉ ବୋଲି କଟକ ରିଟେଲ ଡିଲର ସଂଘ ସଭାପତି ସୟଦ ଏକ୍ରମ ହୁସେନ ଦାବି କରିଛନ୍ତି।

# ପ୍ରଭାତ ବିଶ୍ୱାଳଙ୍କ ଆବେଦନରେ ସିବିଆଇକୁ ହାଇକୋର୍ଟଙ୍କ ନୋଟିସ୍

**ସିସୋର ଚିଟ୍‌ଫଣ୍ଡ ମାମଲା**

■ **କଟକ (ହର୍ଷିକା) :** ସିସୋର୍ ଚିଟ୍‌ଫଣ୍ଡ ଘଟଣାରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ରୁଜୁ କରିଥିବା ମାମଲାକୁ ରଦ୍ଦ ପାଇଁ ଶ୍ରୀ ବିଶ୍ୱାଳ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏହି ମାମଲାର ଶୁଣାଣି କରି ଅଦାଲତ ସିବିଆଇକୁ ଜବାବ ଦାଖଲ ଲାଗି ନୋଟିସ୍ କରିଛନ୍ତି। ଜଷ୍ଟିସ୍ ଏସ୍.କେ. କେ ପାଣିଗ୍ରାହୀ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ସିସୋର୍ ଚିଟ୍‌ଫଣ୍ଡ ଘଟଣାରେ ପ୍ରଭାତ ବିଶ୍ୱାଳଙ୍କ ସମ୍ପୃକ୍ତିକୁ ନେଇ ସିବିଆଇ ପ୍ରଭାତଙ୍କ ନାମରେ ମାମଲା ରୁଜୁ କରି ଗିରଫ କରିଥିଲା; କିନ୍ତୁ ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇ ସେ ଏସ୍‌ସିବିରେ ଚିକିତ୍ସିତ ହୋଇଥିଲେ। ପରେ ଜାମିନରେ ଆସିଥିଲେ। ହାଇକୋର୍ଟ ସେତେବେଳେ ମାମଲାର ଶୁଣାଣି କରି ଅଭିଯୋଗ ଫର୍ଦ ଦାଖଲ ହେବାର ବର୍ଷକ ଭିତରେ ଟ୍ରାଏଲ୍ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ଦୁଇ ବର୍ଷ ବିତିଯାଇଥିବା ଟ୍ରାଏଲ୍ ବିଶେଷ ଆଗେଇ ପାରିନାହିଁ। ସିବିଆଇ ପକ୍ଷରୁ ତାଙ୍କ ବିରୋଧରେ ରୁଜୁ ମାମଲା ରଦ୍ଦ ପାଇଁ ଶ୍ରୀ ବିଶ୍ୱାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ପ୍ରାଥମିକ ଶୁଣାଣି କରି ସିବିଆଇକୁ ନୋଟିସ୍ ଜାରି କରିଛନ୍ତି।







## ଜନଗଣନା ହେଲା କାଳ

# ଅଂଶୁଘାତରେ ଶିକ୍ଷକ ମୃତ

■ **ରାଉରକେଲା (ହର୍ଷିକା) :** ସୁନ୍ଦରଗଡ଼ଜିଲ୍ଲା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜରଡ଼ା ହାଇସ୍କୁଲର ସହକାରୀ ଶିକ୍ଷକ ଅନୁରାଗ ଏକାଙ୍କଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୁଣ୍ଡଫଟା ଖରାରେ ଜରଡା ଗାଁରେ ଘରକୁ ଘର ବୁଲି ଜନଗଣନା କରୁଥିବା ବେଳେ ହଠାତ୍ ବେହୋସ ହୋଇ ତଳେ ପଡ଼ି ଯାଇଥିଲେ । ଗୁରୁତର ଅବସ୍ଥାରେ ତାକୁ ଚିକିତ୍ସା ପାଇଁ ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଗତ ୧୭ ତାରିଖରୁ ଅନୁରାଗ ଏକା ଜରଡ଼ା ଗାଁରେ ଗଣନା କରୁଥିଲେ । ଏନେଇ ଡାକ୍ତର କିମ୍ବା ତାଙ୍କ ପରିବାରର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।







Printed, Published and owned by Dr. Byomakesh Kanungo of Gandharba Sahu Lane, PO - Kalyani Nagar, Dist.- Cuttack-753013 (Odisha),
Printed at Khetramani Printing Press, At - Darakhapatna, PO - Kalyani Nagar, Dist - Cuttack - 753013
Editor-in-chief : Dr. Byomakesh Kanungo
Editor : Biraja Prasad Kanungo
Sub-Editor : Dr. Pradyot Kumar Tripathy
Ph. No. : 7008872226 / 7077233233
E-mail : harsikamedia22@gmail.com
ମୁଖ୍ୟ ସଂପାଦକ : ଡଃ ବ୍ୟୋମକେଶ କାନୁନ୍‌ଗୋ
ସଂପାଦକ : ବିରଜା ପ୍ରସାଦ କାନୁନ୍‌ଗୋ
ସହ ସଂପାଦକ : ଡ଼. ପ୍ରଦ୍ୟୋତ କୁମାର ତ୍ରିପାଠୀ